## ପୋଖରୀରେ ବୁଡି ଶିକ୍ଷକଙ୍କ ମୃତ୍ୟୁ

ଦେବଗଡ଼,(ଡି.ଏନ.ଏ): ଦେବଗଡ ଜିଲା ରିଆମାଳ ଥାନା ଅଧୀନ ଧରମପୁର ଗ୍ରାମରେ ଶନିବାର ଗାଧୋଉ ଥିବା ବେଳେ ପୋଖରୀରେ ବୁଡି ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କର୍ଡାପାଳ ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ପ୍ରସନ୍ନ କୁମାର ପାତ୍ର। ମଧ୍ୟାହ୍ନରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଏହାଦେଖି ନିକଟରେ ଗାଧୋଉଥିବା ଗ୍ରାମର କେତେକ ଲୋକ ତାଙ୍କୁ ଉଦ୍ଧାର କଲାବେଳକୁ ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଛତାବର ଡାକ୍ତରଖାନା ଅଣାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଂକ୍ଷେପରେ

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ, ୨୬।୧୨:** ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ କନଷ୍ଟ୍ରକସନ କଲୋନୀ ପାଖ ଡମ୍ପିଂ ୟାର୍ଡ ନିକଟରୁ ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଶନିବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ତାଙ୍କ ନାଁ ବିନୋଦ କୈବର୍ତ୍ତ(୨୩)। ସେ ଲାଲଟାଙ୍କି ଅଞ୍ଚଳ ବାସିନ୍ଦା ଉମେଶ କୈବର୍ତ୍ତଙ୍କ ପୁଅ ବୋଲି କୁହାଯାଇଛି। ଟାଙ୍ଗରପାଲ୍ଲୀ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବିନୋଦ ଗତ ସୋମବାର ସନ୍ଧ୍ୟାରୁ ଘରୁ ବାହାରିଥିବାବେଳେ ଆଉ ଫେରି ନ ଥିଲେ। ପର ଦିନ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜଖବର ନିଆଯାଇଥିଲ ହେଁ ତାଙ୍କ ପତ୍ତା ମିଳି ନ ଥିଲା। ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଶନିବାର ଅପରାହ୍ନରେ କିଛି ବୁଲା କୁକୁର ଯୁବକଙ୍କ ଶବ ନିକଟରେ ରୁଣ୍ଡ ହୋଇଥିବା ସୂଚନା ମିଳିଥିଲା। ଫଳରେ ଘଟଣା ସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ଖବରପାଇ ପରିବାର ଲୋକେ ମଧ ପହଞ୍ଚିଥିଲେ। ଏହା ବିନୋଦଙ୍କ ମୃତଦେହ ବୋଲି ଚିହ୍ନଟ ହୋଇଥିଲା। ଖବର ପାଇ ଟାଙ୍ଗରପାଲ୍ଲୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ହାଇୱା- ଟ୍ରକ ମୁହାଁମୁହିଁ ଧକ୍କା

**ଲହୁଣୀପଡା, ୨୬।୧୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବରସୁଆଁ ନିକଟସ୍ଥ ବାଉଁରକେଲାଠାରେ ଶନିବାର ମଧ୍ୟାହ୍ନରେ ଟ୍ରକ ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ ହାଇୱା ଚାଳକଙ୍କ ଗୋଡ ଛିଣ୍ଡି ଦୁଇଖଣ୍ଡ ହୋଇଯାଇଛି। ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ନିଆଯାଇଥିଲା ।

## କଣ୍ଟିଆମୁରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଡଗାଁ, ୨୬।୧୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତର କଣ୍ଟିଆମୁରା ଗ୍ରାମରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦଘାଟିତ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ତୁଡାଲଗା ସରପଞ୍ଚ ହରିପ୍ରିୟା ପ୍ରଧାନ ମୁଖ୍ୟଅତିଥି ଓ ସମିତି ସଭ୍ୟ ଶିଶିର ରାଉତରାୟ, ମାଗୁଣୀ ନାୟକ, ଗଣମାଧ୍ୟମ ପ୍ରତିନିଧି ଲବଣୀଧର ପୃଷେଟ, ଅଶୋକ ଷଡଙ୍ଗୀ, କ୍ଷେତ୍ରବାସ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ । ଖେଳାଳୀମାନଙ୍କ ଅନୁରୋଧକ୍ରମେ ଖେଳ ପଡିଆଠାରେ ଏକ ମଞ୍ଚ ନିର୍ମାଣ ପାଇଁ ଆର୍ଥିକ ସହଯୋଗ ଦେବାକୁ ସରପଞ୍ଚ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲା ବେଳେ ସମିତି ସଭ୍ୟ ରାଉତରାୟ ନଳକୂପ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା ୩୦ ତାରିଖ ଟୁର୍ନାମେଣ୍ଟ ଉଦଯାପିତ ହେବ । ଚାମ୍ପିୟନ ଦଳକୁ ୫ ହଜାର, ରନର୍ସ ଟିମକୁ ୩ ହଜାର, ତୃତୀୟ ସ୍ଥାନ ପାଇଥିବା ଦଳକୁ ୨ ହଜାର, ଚତୁର୍ଥ ସ୍ଥାନ ପାଇଥିବା ଦଳକୁ ୧୫ ଶହ ଟଙ୍କା ପୁରସ୍କୃତ କରାଯିବ । ଆୟୋଜକ କମିଟିରେ ସଭାପତି ବାଦୁଆ ଖଡିଆ, ସମ୍ପାଦକ ବବଲୁ ଖଡିଆ, ଦୀପକ ଖଡିଆ, ସୁଦୀପ ବାଡା, ଜୟକେତନ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହେଉଛି।

## ସଡ଼କ ଦୁର୍ଘଟଣାରେ ପିଇଓ ଗୁରୁତର

**କୁଚିଣ୍ଡା, ୨୬।୧୨ (ଡି.ଏନ.ଏ.):** ବାମରା ବ୍ଲକ ରଙ୍ଗିଆଟିକ୍ରା ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଭୀମ କିଷାନ (୩୦) ଶନିବାର ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଭୀମ କୌଣସି କାମରେ ବାଇକ୍‌ରେ ଯାଉଥିବା ବେଳେ ପାରିମୁଣ୍ଡା ନିକ୍ତିମାଳଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡି କ୍ଷତାକ୍ତ ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ରେଳଲାଇନରେ କଟି ବୃଦ୍ଧଙ୍କ ମୃତ୍ୟୁ: ରେଳପଥ ଅବରୋଧ

**ବ୍ରଜରାଜନଗର, ୨୬।୧୨(ଡି.ଏନ.ଏ.):** ସ୍ଥାନୀୟ ଗୌର୍ମାଲ ପଞ୍ଚାୟତ ଜାମାପଡା ଗ୍ରାମର ସୁନ୍ଦର ଖଡିଆ (୫୯)ଙ୍କର ରେଳ ଧାରଣାରେ କଟି ମୃତ୍ୟୁ ହୋଇଛି। ସୁନ୍ଦର ଶୁକ୍ରବାର ବନ୍ଧୁଘରକୁ ଯାଇଥିଲେ। ରାତିରେ ଫେରିବା ସମୟରେ ରେଳଲାଇନ୍‌ରେ କଟିଯାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ରାଜପୁର ପଞ୍ଚାୟତ ସମିତି ସଭ୍ୟ ଗଣେଶରାମ ବାଗଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ୬ଘଣ୍ଟା ଧରି ରେଳପଥ ଅବରୋଧ କରିଥିଲେ। ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ସହାୟତା ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

# ରାସ୍ତାକଡରେ କୁଢ଼ କୁଢ଼ ବର୍ଜ୍ୟବସ୍ତୁ

**ସୁନ୍ଦରଗଡ, ୨୬।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପୌରପାଳିକା ପକ୍ଷରୁ ସହରର କଠିନ ବର୍ଜ୍ୟବସ୍ତୁକୁ ପକାଇବା ପାଇଁ ବାଇପାସ ରୋଡସ୍ଥିତ ପିଠାଭୂଇଁ ଅଞ୍ଚଳରେ ଏକ ସ୍ଥାନ ଚିହ୍ନଟ କରାଯାଇ ପାଚେରୀ ମଧ୍ୟ ନିର୍ମାଣ କରାଯାଇଛି। ମାତ୍ର ସେହି ବର୍ଜ୍ୟବସ୍ତୁ ସବୁ ପାଚେରୀ ଭିତରେ ପକା ନ ଯାଇ ରାସ୍ତା

**ଗୃହପାଳିତ ପଶୁଙ୍କ ପାଇଁ ସାଜିଛି ବିପଦ**

କଡରେ ପକାଯାଉଛି। ଫଳରେ ଗୃହପାଳିତ ପଶୁ, ଗୋରୁ, ଛେଳି ଆଦି ଚାରଣ ପାଇଁ ଯାଇ ସେଠାରେ ସେହି ବର୍ଜ୍ୟବସ୍ତୁରେ ପଡିଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନାଗୁଡିକୁ ଖାଇ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ଗୃହପାଳିତ ପଶୁ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ ସମୟରେ ଆବର୍ଜନାରେ


ରାସ୍ତାକଡରେ ପଡିଥିବା ବର୍ଜ୍ୟବସ୍ତୁ।

ନିଆଁ ମଧ୍ୟ ଲଗାଇ ଦିଆଯାଉଛି। ପାଖରେ ବାଇପାସ ରାସ୍ତା ଥିବାରୁ ନିଆଁ ଲଗାଇବା ଯୋଗୁ ପରିବେଶ ଧୂଆଁ ହୋଇ ଲୋକଙ୍କ ଚଳପ୍ରଚଳରେ ମଧ୍ୟ ଅସୁବିଧା ହେଉଛି। ଚଳିତମାସ ଗତ ୪ତାରିଖ ସ୍ୱଚ୍ଛ ସୁନ୍ଦରଗଡ ପାଇଁ ସୁନ୍ଦର ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି। ଏଠାରେ ବର୍ଜ୍ୟବସ୍ତୁର ଉଚିତ୍ ପରିଚାଳନାରେ ଅବ୍ୟବସ୍ଥା ନେଇ ଏହାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ୍ ୨୦୧୬ର ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏଣୁ ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ସକାଶେ ସଚେତନ ନାଗରିକ ମହଲରେ ଦାବିହେଉଛି ।

## ଦୟାନନ୍ଦ ଯୋଗ ମହାବିଦ୍ୟାଳୟ ଉଦ୍‌ଘାଟିତ


ଦୟାନନ୍ଦ ଏକାଡେମୀର କଳା ସଂସ୍କୃତି ଏବଂ ଯୋଗ ମହାବିଦ୍ୟାଳୟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର, ୨୬।୧୨ (ବ୍ୟୁରୋ)**

ଦୟାନନ୍ଦ ଏକାଡେମୀର କଳା ସଂସ୍କୃତି ଏବଂ ଯୋଗ ମହାବିଦ୍ୟାଳୟ (ଡାସି) ଶନିବାର ସମ୍ବଲପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଓ ପୂର୍ବତନ ବରଗଡ ଲୋକ ସଭା ସଦସ୍ୟ ଡ. ପ୍ରଭାସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଶୁଭାରମ୍ଭ କରିଥିଲେ। ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଜରୁରୀ। ଏହାଦ୍ୱାରା ଜୀବନଚର୍ଯ୍ୟା ଶୃଙ୍ଖଳିତ ହେବା ସହ ଶରୀର ସୁସ୍ଥ ରହିଥାଏ। ସେହିପରି କଳା ସଂସ୍କୃତି ଦ୍ୱାରା ମଣିଷକୁ ବିଶାଦରୁ ମୁକ୍ତି ମିଳିଥାଏ ବୋଲି ଅତିଥିମାନେ କହିଛନ୍ତି। ଡାସି ମୁଖ୍ୟ ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ଆଶିଷ ଚନ୍ଦ୍ର ବିଶି ସୂଚନା ପ୍ରଦାନ କରିଥିଲେ। ଯୋଗ ଥେରାପିଷ୍ଟ ଡ. ରାଜେଶ କୁମାର ମାନିକ ଓ ପ୍ରାଣବନ୍ଧୁ ବେହେରା ଯୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କୃଷି ବିଶେଷଜ୍ଞ ଡା. ବିଭୂତିଭୂଷଣ ମିଶ୍ର କଳା ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଦୟାନନ୍ଦ ସମୂହ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ରଚିତ ଯୋଗ ପ୍ରକାଶ ପ୍ରଥମ ଓ ଦ୍ୱିତୀୟ ଭାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ଆରୋଗ୍ୟମ୍ ହସ୍ପିଟାଲକୁ ଆମ୍ବୁଲାନ୍ସ ପ୍ରଦାନ

**ସମ୍ବଲପୁର, ୨୬।୧୨ (ବ୍ୟୁରୋ)**

ବାଳକୃଷ୍ଣ ପଟ୍ଟଆରି ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ଆରୋଗ୍ୟମ୍ ହସ୍ପିଟାଲକୁ ଆତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଶାନ୍ତିଲତା ପଟ୍ଟଆରି ଆରୋଗ୍ୟମ୍ ହସ୍ପିଟାଲର କବୀର ପୁରୋହିତ, ଡା. କାଞ୍ଚନ ରାୟ, ଡା. ପୁରୁଷୋତ୍ତମ ଅଗ୍ରୱାଲଙ୍କୁ ଆମ୍ବୁଲାନ୍ସର ଚାବି ପ୍ରଦାନ କରାଯାଇଥିଲା। ଶ୍ୟାମ ପୋଦାର, ଅରୁଣ ପଟ୍ଟଆରି ଉପସ୍ଥିତ ଥିଲେ।


ଶାନ୍ତିଲତା ପଟ୍ଟଆରି ଆରୋଗ୍ୟମ୍ ହସ୍ପିଟାଲ କର୍ମକର୍ତ୍ତାଙ୍କୁ ଆମ୍ବୁଲାନ୍ସ ଚାବି ପ୍ରଦାନ କରାଯାଉଛି।

## କାଠପଟା ବୋଝେଇ ଭ୍ୟାନ ଜବତ, ୩ ଗିରଫ

**ରିଆମାଳ, ୨୬।୧୨(ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ ରେଙ୍ଗାଲବେଡା ସେକ୍ସନ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମ ନିକଟରୁ ବନ ବିଭାଗ ଏକ ବେଆଇନ କାଠପଟା ବୋଝେଇ ମିନିଭ୍ୟାନ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ରାତିରେ ରେଙ୍ଗାଲବେଡା ଫରେଷ୍ଟର ରମେଶ ଚନ୍ଦ୍ର ତ୍ରିପାଠୀ ପାଇକନଗର-ମହାସିନ୍ଧୁ ରାସ୍ତାରେ ପାଟ୍ରୋଲିଂ ବେଳେ ସେହି ରାସ୍ତାଦେଇ ଯାଉଥିବା ନମ୍ବର ବିହୀନ ମିନିଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ। ତଲାସୀ ବେଳେ ଗାଡିରେ ୨୫ ଖଣ୍ଡ ସାଇଜ କାଟପଟା ଓ ଏକ କାଠଗଣ୍ଡି ରହିଥିବା ଜଣାପଡିଥିଲା। ବନ ବିଭାଗ ଉକ୍ତ ମିନିଭ୍ୟାନଟିକୁ ଜବତ କରିବା ସହ ଗାଡିରେ ବସିଥିବା ପାଇକନଗର ଗ୍ରାମର ଅମ୍ବିକା ଅମାନ୍ତ(୨୫), ଶିବ ଦଳବେହେରା (୪୦) ମନୋରଞ୍ଜନ ସାହୁଙ୍କୁ ଗିରଫ କରି ବନ କାର୍ଯ୍ୟାଳୟକୁ ଆଣିଥିଲେ। ପଚରାଉଚରା ସମୟରେ ଏହି ସବୁ କାଠପଟା ଓ ଗଣ୍ଡିକୁ ସେମାନେ ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲରୁ ଆଣିଥିବା ସ୍ୱୀକାର କରିଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ରିଆମାଳ ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଛି। କୋଭିଡ ପରୀକ୍ଷା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଫିସର ଦାଶ କହିଛନ୍ତି।

## କରୋନା ଯୋଦ୍ଧା ଭାବେ ଜିଲାପାଳଙ୍କୁ ସମ୍ବର୍ଦ୍ଧନା


ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସୁନ୍ଦରଗଡ, ୨୬।୧୨ (ଡି.ଏନ୍.ଏ.)**

ଜିଲାରେ କରୋନା ମହାମାରୀକୁ ରୋକିବା ଦିଗରେ ସଫଳ ଭୂମିକା ନିର୍ବାହ କରିଥିବାରୁ ବିଜୁ ଜନତା ଦଳ ସୁନ୍ଦରଗଡ ଶାଖା ପକ୍ଷରୁ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି, କୋଭିଡ ଡାକ୍ତରଖାନା ସମେତ ବିଭିନ୍ନ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖି ସମସ୍ତ ବ୍ୟବସ୍ଥା କରିବା ଓ ପ୍ଲାଜମା ଥେରପି ସହ ରୋଗୀଙ୍କ ଚିକିତ୍ସା ତଥା ଲକଡାଉନ୍ ସଟଡାଉନ୍ ଆଦିକୁ ସଫଳତାର ସହ ପରିଚାଳନା କରି ସୁନ୍ଦରଗଡ ଜିଲାରେ କରୋନା ପ୍ରଭାବକୁ ହ୍ରାସ କରାଇବାରେ ଜିଲାପାଳଙ୍କ ବଳିଷ୍ଠ ଭୂମିକାକୁ ପ୍ରଶଂସା କରି ଯଥାର୍ଥ କରୋନା ଯୋଦ୍ଧା ଭାବେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ସାଧାରଣ ସମ୍ପାଦକ ଗୋପ ମହାନ୍ତି, ପୂର୍ବତନ କାଉନସିଲର ପଞ୍ଚା ବାର୍ଲା, ସୁନୀଲ ମହାପାତ୍ର, ତ୍ରିଲୋଚନ କାକ, ମୁନା ପଟ୍ଟନାୟକ, ପଙ୍କଜ ଶ୍ରେଷ୍ଠ ପ୍ରମୁଖ ଜିଲାପାଳଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ।

## ରାଜ୍ୟସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ସମ୍ବଲପୁର ଚାମ୍ପିୟନ

**ସମ୍ବଲପୁର, ୨୬।୧୨ (ବ୍ୟୁରୋ)**

୩୮ତମ ରାଜ୍ୟସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସମ୍ବଲପୁର ଜିଲା ରେଙ୍ଗାଲି ଲୁଥାପାଲି ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏକାଦଶ ଚାମ୍ପିୟନ ହୋଇଥିବା ବେଳେ ଝାରସୁଗୁଡା ଦଳ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଥୁଆପାଲି କଲୋନୀ, ବୀରବଜରଙ୍ଗ କମିଟି ଓ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ମିଳିତ ଆୟୋଜନରେ ହୋଇଥିବା ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଏହି ଅବସରରେ ଆଦିତ୍ୟ ସୁରକ୍ଷା ଦଳ ଓ ଭାଲୁଦୁଡିଆ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ ଭାଲୁଦୁଡିଆ ଦଳ ବିଜୟୀ ଲାଭ କରିଥିଲା। ରେଙ୍ଗାଲି


ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

ବିଧାୟକ ନାଉରୀ ନାୟକ, ଅବସରପ୍ରାପ୍ତ ଭୂ-ଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ, ଯୁଗଳ କିଶୋର ଅଗ୍ରୱାଲ, ଆଦିତ୍ୟ ଆଲୁମିନିୟମ ଅଧିକାରୀ କ୍ରିଷ୍ଣ କୁମାର ପାଣ୍ଡେ, ମାନବ ସମ୍ବଳ ବିଭାଗର ସତ୍ୟପ୍ରକାଶ ଦାଶ, ସହପ୍ରବନ୍ଧକ ମନୋରଞ୍ଜନ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଜଙ୍ଗଲା ସରପଞ୍ଚ ଗାନ୍ଧୀ ବେହେରାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଆନନ୍ଦ ଓରାମ, ବର୍ଷି ଓରାମ, କାର୍ତ୍ତିକ ଓରାମ, ସୁରଥ ଖମାରୀ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

**ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି (ଗଜପତି)**
**କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ଗଜପତି ଜିଲ୍ଲାର ଗୋଷାଣୀ, ଗୁମ୍ମା, ରାୟଗଡ଼ା ଓ କାଶୀନଗର ବ୍ଲକ ଅଧୀନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇଦିଆଯାଉଅଛି ଯେ, ଚଳିତ ୨୦୨୦-୨୧ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି ଦ୍ୱାରା ଆସନ୍ତା ତା୦୯।୧୨।୨୦୨୦ଠାରୁ କପା ବଜାର ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାରଙ୍କ ଧାର୍ଯ୍ୟ ଦରରେ କପା CCI ମାଧ୍ୟମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି।

କପା ବିକ୍ରି ପାଇଁ ୨୦୨୦-୨୧ ବର୍ଷ ପାଇଁ ନିର୍ଦ୍ଧାରିତ କପାର ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ) ପ୍ରତି

| କ୍ର.ନଂ. | କିସମ | ତନ୍ତୁର ଲମ୍ବା (ମି.ମି.) | ମାଇକ୍ରନିୟର୍ ମାତ୍ରା | ଆର୍ଦ୍ରତା | ସମର୍ଥନ ମୂଲ୍ୟ |
|---|---|---|---|---|---|
| ୧ | ବନ୍ନି/ବ୍ରହ୍ମା | ୨୯.୫-୩୦.୫ | ୩.୫-୪.୩ | ୮% | ୫,୮୨୫/- |
| ୨ | ଏମ.ଇ.ସି.ଏଚ୍. | ୨୭.୫-୨୮.୫ | ୩.୫-୪.୭ | ୮% | ୫,୭୨୫/- |

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

## ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ଧରାପଡିଲା

**ସମ୍ବଲପୁର, ୨୬।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲାରେ କେନ୍ଦ୍ରୀୟ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ଚଢ଼ାଉ କରି ବ୍ୟାପକ ମାତ୍ରାରେ ଗଞ୍ଜେଇ ଜବତ କରିଛି। ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରୁ ବିହାରକୁ ଚାଲାଣ ହେଉଥିବା ସମୟରେ ପ୍ରାୟ ୭ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି। ଏ ନେଇ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ହେଲେ ଏନ୍‌ସିବି ପାଖରେ ଅଭିଯୋଗ ହୋଇଥିବାରୁ ଅତର୍କିତ ଶନିବାର ଚଢ଼ାଉ କରାଯାଇଥିଲା। ସମ୍ବଲପୁର ଅବକାରୀ ବିଭାଗ କିମ୍ବା ପୋଲିସ ବିଭାଗ ପାଖରେ କୌଣସି ସୂଚନା ନ ଥିବା ସେମାନେ କହିଛନ୍ତି।

## ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରାଯିବ

**ସମ୍ବଲପୁର,୨୬।୧୨ (ବ୍ୟୁରୋ)**

ତୃଣମୂଳସ୍ତରରୁ ଦଳକୁ ଆହୁରି ସୁଦୃଢ଼ କରାଯିବ। ପ୍ରତ୍ୟକ୍ଷ ଭାବେ ଜିଲାସ୍ତରୀୟ ନେତା ଓ କର୍ମୀମାନେ ଜନସାଧାରଣଙ୍କ ସମସ୍ୟା ବିଷୟରେ ବୁଝିବେ। ଜିଲାରେ ଚାଲିଥିବା ବିକାଶ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ସେ ଦିଗରେ ମଧ ଦଳ କାର୍ଯ୍ୟ କରିବ। ବିଜେଡିର ୨୪ତମ ପ୍ରତିଷ୍ଠା ଦିବସରେ ନେତୃବୃନ୍ଦ ଏହି ଆହ୍ୱାନ ଦେଇଛନ୍ତି। ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ପରିଚାଳନାରେ ସଭା ହୋଇଥିଲା। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ସଞ୍ଜିତ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସକାଳ ୮ଟାରେ ରେମେଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲାର ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ସାଢ଼େ ୯ଟାରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ମିଳିତ ଆନୁକୂଲ୍ୟରେ ଶାନ୍ତିନଗରସ୍ଥିତ


ରେମେଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରୁଛନ୍ତି ।

ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ହୋଇଥିଲା। ଅପରାହ୍ନ ୪ଟାରେ ଦଲେଇପଡା କଲ୍ୟାଣ ମଣ୍ଡପଠାରେ ଆଲୋଚନା ସଭା ହୋଇଥିଲା। ସେହିପରି ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରାଙ୍କ ନେତୃତ୍ୱରେ ଧନକଉଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ସମ୍ମୁଖ ରାସ୍ତା ସଫେଇ କରାଯାଇଥିଲା। ଏଥିରେ ଅଞ୍ଚଳର ମହିଳାମାନେ ସାମିଲ ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପରିସରରେ ଅଶୋକ କୁମାର ମହାକୁରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବିଜେଡି ରାଜ୍ୟ ମୁଖପାତ୍ର ସଞ୍ଜୟ ବାବୁ, ଜିଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ରାଜକିଶୋର ଦାସ, ମହମ୍ମଦ ସନାଉଲ୍ଲା, ଦିଲୀପ ଦାଶ, ନିହାଲ ସିଂ, ରାଜଲକ୍ଷ୍ମୀ ପ୍ରଧାନ, ଉର୍ମିଳା ପଣ୍ଡା, ମିତାଲି ସାହୁ ପ୍ରମୁଖ ସାମିଲ ଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଉଠିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରାଜପଥ ଉପରେ ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ମେଣ୍ଢା ଫାର୍ମ ନିକଟ ୨୬ନଂ ଜାତୀୟ ରାଜପଥରେ ଶନିବାର ଏକ ଧାନ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସଦର ବ୍ଲକ ବାରପୁରଗିଆ କୃଷିସେବା ସମବାୟ ସମିତିରୁ ଆବଶ୍ୟକରୁ ଅଧିକ ଓଜନର ଧାନବସ୍ତା ଟ୍ରାକ୍ଟର ନଂ (ଓଡି୦୩ ୮୫୦୮ ) ରେ ଏକ ରାଇସ୍ ମିଲ୍‌କୁ ଆଣୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ସଂକ୍ଷେପରେ

### ଏଟିଏମ୍ ଲୁଟେରା ଗିରଫ

ଲୋଇସିଂହା,୨୬।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଜଣେ ଏଟିଏମ୍ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ବ୍ଲକ ନଅଗାଁ(କ) ଗ୍ରାମର ନାରାୟଣ ସାହୁ। ପୋଲିସ ସୂଚନା ଅନୁଯାୟୀ, ଏଟିଏମ ବ୍ୟବହାରରେ ଅଭ୍ୟସ୍ତ ନ ଥିବା ଲୋକେ ନାରାୟଣଙ୍କ ଟାର୍ଗେଟରେ ରହୁଥିଲେ। ସେ ଏହି ଅଞ୍ଚଳରେ ଥିବା ଏଟିଏମ ନିକଟରେ ଛକି ରହୁଥିଲେ। ଏଟିଏମ୍ ବ୍ୟବହାର ଜାଣି ନ ଥିବା କେହି ଆସିଲେ ସେଠାରେ ପହଞ୍ଚି ସେ ଏଟିଏମ କାର୍ଡ ଅଦଳବଦଳ କରି ଟଙ୍କା ଲୁଟ କରୁଥିଲେ । ଏହି ପ୍ରକାରେ ଆଗଲପୁରସ୍ଥିତ ଏଟିଏମ୍‌ରେ ରାହାସ ତ୍ରିପାଠୀ ନାମକ ଜଣେ ବ୍ୟକ୍ତିଙ୍କ ଏଟିଏମ ବଦଳ କରି ୫୦ ହଜାର ଟଙ୍କା ଉଠାଇ ନେଇଥିଲେ। ସେହିପରି ଫଟାମୁଣ୍ଡା ଏଟିଏମରେ ଫଟାମୁଣ୍ଡାର ଚକାଡୋଳା ସାହୁଙ୍କ ୬୦ ହଜାର ଟଙ୍କା ଲୁଟ୍ କରିଥିଲେ । ଶୁକ୍ରବାର ଲୁଟ୍‌ର ଶିକାର ବ୍ୟକ୍ତି ନାରାୟଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରେ ସେମାନେ ପୃଥକଭାବେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଗଲପୁର ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା କହିଛନ୍ତି।

### ୫୧ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଜୁନାଗଡ଼,୨୫।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲା ପଞ୍ଚାୟତରେ ଶନିବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ବିଏସ୍ଏସଓ ତୁଷାର ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ୫୧ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ବିଡ଼ିଓ ଦୁଲାରାମ ମାରାଣ୍ଡି, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଅଧକ୍ଷ ପ୍ରବୋଧ ରଥ, ପ୍ରମୋଦ ବେହେରା, ମହିଚଲା ସରପଞ୍ଚ ଅଜୟ ବେହେରା, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ନନ୍ଦ, ଅବିନାଶ ଠାକୁର, ଆଇନଜୀବୀ କଲ୍ୟାଣୀ ନାଏକ,ଅର୍ଜୁନ ବାଗ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କାଲୋପଲା ସରପଞ୍ଚ ନିର୍ମଳା ସିଂ, ସମିତି ସଭ୍ୟ ସତ୍ୟ ନାରାୟଣ ବେହେରା, ପିଇଓ ବାନାମ୍ବର ଦାଶ, ଜିଆରଏସ ଗୌତମ ଦଳପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସର କର୍ମକର୍ତ୍ତା ନିର୍ବାଚନ

କଣ୍ଟାବାଞ୍ଜି, ୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି କଂଗ୍ରେସ କମିଟି ଓ ତୁରେକେଲା ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତା ନିର୍ବାଚନ ଶନିବାର ସର୍ବସମ୍ମତିକ୍ରମେ ଶେଷ ହୋଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ନଗର କଂଗ୍ରେସ ସଭାପତିଭାବେ ପୂର୍ବତନ ଏନଏସି ଚେୟାରମ୍ୟାନ ଉମ୍ବଧର ବେହେରା, ପୂର୍ବତନ ଉପାଧକ୍ଷ ଘନଶ୍ୟାମ ଗୁପ୍ତା କୋଷାଧକ୍ଷ, ତୁରେକେଲା ବ୍ଲକ କଂଗ୍ରେସ ସଭାପତିଭାବେ ବାଲକୃଷ୍ଣ ସେଲମା, କାର୍ତ୍ତିକ ପୁଟେଲ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନୀରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଜିଲା ମହିଳା ସଭାନେତ୍ରୀ ମିଲନ ସାହୁ, ଯୁବକଂଗ୍ରେସ ସଭାପତି ଆନନ୍ଦ ମିଶ୍ର, କୃଷକ ମୋର୍ଚ୍ଚା ଜିଲା ସଭାପତି ସତ୍ୟନାରାୟଣ ସାହୁ, ତୁରେକେଲା ବ୍ଲକ ଚେୟାରମ୍ୟାନ ଅନୁ ଭୋଇ ଉପସ୍ଥିତ ଥିଲେ।

### ନିଧି ସମର୍ପଣ ସମିତି ଗଠିତ

ଗୁଡ଼ଭେଲା,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ(ବିଏଚପି)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଏଚପି ଜିଲା ସଭାପତି ଗୋବିନ୍ଦ ମିଶ୍ର, ଜିଲା ସମ୍ପାଦକ ପ୍ରହଲ୍ଲାଦ ସାହୁ, ଧର୍ମାଚାର୍ଯ୍ୟ ପରମେଶ୍ୱର ମଲ୍ଲିକ, ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ପ୍ରମୁଖ ଯୋଗଦେଇଥିଲେ। ଅଯୋଧାରେ ରାମ ମନ୍ଦିର ନିର୍ମାଣ ପାଇଁ ସମସ୍ତ ଗ୍ରାମକୁ ଯାଇ ଲୋକଙ୍କଠାରୁ ସାହାଯ୍ୟ ସଂଗ୍ରହ ପାଇଁ ଗୁଡଭେଲା ପ୍ରଖଣ୍ଡସ୍ତରୀୟ ନିଧି ସମର୍ପଣ ସମିତି ଗଠନ କରାଯାଇଥିଲା । ବିଜୟ କୁମାର ବାଗ ଅଭିଯାନ ପ୍ରମୁଖ, ସଞ୍ଜୟ ସାହୁ ସହ ଅଭିଯାନ ପ୍ରମୁଖ, ମୁରାରୀ କେଡିଆ ନିଧି ପ୍ରମୁଖ, ଅନୀଲ ଶର୍ମା ସହ ନିଧି ପ୍ରମୁଖ ରହିଥିଲେ।

# ହାତୀ ଘଉଡ଼ାଇବାକୁ ନାକେଦମ୍

ବରଗଡ଼ ଅଫିସ୍,୨୬।୧୨

ସୋନପୁର ଜିଲା ବିନିକା ରେଞ୍ଜ୍‌ରୁ ମଙ୍ଗଳବାର ରାତ୍ରିରୁ ମହାନଦୀ ପାରି ହୋଇ ବରଗଡ଼ ଜିଲାକୁ ହାତୀପଲ ପଶିଆସିଛନ୍ତି। ସେମାନେ ୫ଦିନ ହେଲା ଭେଡ଼େନ ଓ ବରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲକ୍ଷତି କରିଛନ୍ତି। ପ୍ରାୟ ଦେଢ଼ଶହ ବନ ଅଧିକାରୀ ଓ କର୍ମଚାରୀ ଘଉଡ଼ାଇବା ପାଇଁ ଦିନରାତି ପ୍ରୟାସ ଜାରି ରଖିଥିଲେ ସୁଦ୍ଧା ହାତୀପଲ ବରଗଡ଼ ଜିଲା ଛାଡ଼ି ନାହାନ୍ତି। ସେମାନଙ୍କୁ ଘଉଡାଇବା ପାଇଁ ବନ ବିଭାଗ କର୍ମଚାରୀମାନେ ନାକେଦମ୍ ହେଲେଣି। ଖବର ଲେଖାହେବା ସୁଦ୍ଧା (ରାତ୍ରି ସାଢ଼େ ୭ଟା) ହାତୀପଲ ଭେଡ଼େନ ବ୍ଲକ ଦେକୁଲବା ଜଙ୍ଗଲରେ ରହିଛନ୍ତି। ସେମାନେ ଉଭୟ ବରପାଲି ବ୍ଲକ ଗ୍ରୀଣ୍ଡୋଲା ଏବଂ ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ ପଟକୁ ମୁହାଁଉଥିବା ବରଗଡ଼ ରେଞ୍ଜର ମହେନ୍ଦ୍ର ପାତ୍ର କହିଛନ୍ତି। ତେବେ ପପଙ୍ଗା ପାହାଡ଼ରେ ୭/୮ଟି ହାତୀ ରହିଯାଇ ଥିବାରୁ ହାତୀପଲ ସେପଟକୁ ପୁଣି ଫେରିପାରନ୍ତି ବୋଲି ଅନୁମାନ କରାଯାଉଛି। ମାତ୍ର ବାରମ୍ବାର ଗତିପଥ ବଦଳାଇ ଚାଲିଥିବା ଯୋଗୁ ସେମାନେ ପୁଣି ବିନିକା ରେଞ୍ଜ୍‌କୁ ଫେରିବେ ନା ବାରପାହାଡ଼ର ଡେବ୍ରିଗଡ଼ ଅଞ୍ଚଳକୁ ଯିବେ ତାହା ଜଣାପଡୁ ନାହିଁ। ହାତୀପଲ ବିନିକା ରେଞ୍ଜ୍‌ରୁ ଆସିଥିବା ଯୋଗୁ ସେମାନଙ୍କୁ ପୁଣି ସେପଟକୁ ଫେରାଇବା ପାଇଁ ବନବିଭାଗ ଉଦ୍ୟମ କରୁଥିବା ପରିଲକ୍ଷିତ ହୋଇଛି। ଅପରପକ୍ଷେ ହାତୀପଲ ବରଗଡ଼ ରେଞ୍ଜ ଛାଡୁ ନ ଥିବାରୁ ଆଗାମୀ ଦିନରେ ଜିଲାରେ ଆହୁରି ଫସଲକ୍ଷତି ସହିତ ଅଘଟଣ ଆଶଙ୍କା କରାଯାଉଛି। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଉଲ୍ଲେଖନୀୟ, ୨୭ଟି ହାତୀ ଥିବା ଉକ୍ତ ପଲ ମହାନଦୀ ପାରି ହୋଇ ବ୍ରାହ୍ମଣତୁରୁମ, ଭାଲୁପାଲି, ମେହେନା, ତାଲମେଣ୍ଡା, ସହରାଟିକ୍ରା, ବହଲପାଲି ଦେଇ ଅଡ଼ଗାଁକୁ ପଶିଥିଲେ। ସେଠାରୁ ସେମାନେ ଦେକୁଲବା ଜଙ୍ଗଲକୁ ଯାଇଥିଲେ ଏବଂ ଶନିବାର ରାତ୍ରିରେ ପୁଣି ଗତିପଥ ବଦଳାଇଛନ୍ତି।

## ପ୍ରସନ୍ନ ପଣ୍ଡାଙ୍କ ସ୍ମୃତିଚାରଣ ସଭା


ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ ।

ଲଖନପୁର,୨୬।୧୨(ଡି.ଏନ୍.ଏ.)

ବ୍ରଜରାଜନଗର ବିଧାନସଭା କ୍ଷେତ୍ରରେ ବିଧାୟକ ଥିବା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ତରଫରୁ ସିପିଆଇ ନେତା ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା କରାଯାଇଥିଲା। ଏଥିରେ ସିପିଆଇ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ସମ୍ପାଦକ ଗୋପୀନାଥ ମାଝି, ରମେଶ ତ୍ରିପାଠୀ, ରଘୁନନ୍ଦନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ନୀତିଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟକଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତପ୍ରକାଶ କରିଥିଲେ। ପୂର୍ବରୁ ଝାରସୁଗୁଡା ବାଇପାସ୍ ରାସ୍ତାରେ ଥିବା ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଜିଲାରୁ ଆସିଥିବା ନେତୃମଣ୍ଡଳୀ ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରିଥିଲେ। ଏଥିରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ, ଅନିତ ଚକ୍ରବର୍ତ୍ତୀ, ସାରଙ୍ଗଧର ମିଶ୍ର, ବାବୁଲା ତ୍ରିପାଠୀ, ବିଜୟ ଦାସ, ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ : ରେମୁଣ୍ଡା ଚାମ୍ପିୟନ


ଅତିଥି ଗ୍ରହଣରେ ଦୁଇ ଦଳର ଖେଳାଳିମାନେ।

ଗୁଡଭେଲା,୨୬।୧୨(ଡି.ଏନ.ଏ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କନ୍ଧେନବାହାଲି କେୱାଇସିସି ଆନୁକୂଲ୍ୟରେ ଚାଲିଥିବା କନ୍ଧେନବୁଢୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ରେମୁଣ୍ଡା ଓ ଦବକାନି ମଧ୍ୟରେ ହୋଇଥିଲା। ଟସ୍ ଜିଣି ରେମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୫ଓଭରରେ ୪୨ରନ ସଂଗ୍ରହ କରିଥିଲା। ଜବାବରେ ଦବକାନି ୩୬ ରନ କରି ପରାସ୍ତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥିଭାବେ ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଜୈନ,ସାମାଜିକ କର୍ମୀ ମନୀଷ ଅଗ୍ରୱାଲ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ରେମୁଣ୍ଡା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦବକାନୀକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅପ ଦି ମ୍ୟାଚ ଜୟଦେବ ଓ ମ୍ୟାନ ଅପ ଦି ସିରିଜ ପରିକ୍ଷିତଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।

## କ୍ରିକେଟ୍: ହରିଜନ ଲାୟନ୍ସ ଚାମ୍ପିୟନ

ଜାମଟିକ୍ରା, ୨୬।୧୨ (ଡି.ଏନ.ଏ)

ଅତାବିରା ବ୍ଲକ ହିର୍ଲିପାଲି ହାଇସ୍କୁଲ ପଡିଆରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଇଟ କ୍ଲବ, ହରିଜନ ଲାୟନ୍ସ, କୋଶଳ ଏକାଦଶ ଓ ଏମସିସିସି ଦଳ ଅଂଶଗ୍ରହଣ କରିଥିଲେ। ୧୨ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଶନିବାର ଥିଲା ଫାଇନାଲ ମ୍ୟାଚ୍। ହରିଜନ ଲାୟନ୍ସ ଓ ଏମସିସିସି ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟସ ଜିଣି ଏମସିସିସି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮୬ ରନ ସଂଗ୍ରହ କରିଥିଲା। ଜବାବରେ ହରିଜନ ଲାୟନ୍ସ ଗୋଟିଏ ବଲ ବାକି ଥାଇ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ମୁକେଶ ଭୋଇ ଓ ଚିତ୍ତରଞ୍ଜନ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଟିଙ୍କୁ ସାହୁ ଓ ଦୀପକ ପଧାନ ସ୍କୋରର, ଅମରଜିତ ପଧାନ ଓ ଡୋଲାମଣି ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକଦେବ ଭୋଇ ମ୍ୟାନ୍ ଅଫ୍ ଦି ସିରିଜ, ଗଣେଷ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ହେମନ୍ତ ବେଷ୍ଟ କ୍ୟାଚ୍‌ର ଘୋଷିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ପ୍ରଭାକର ମେହେର, ଅଶୋକ ପଶାୟତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

## ନୂତନ ଝାରସୁଗୁଡା ଗଠନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସଙ୍କଳ୍ପ



ସଭାରେ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ବୋଧନ ଦେଉଛନ୍ତି।

ଲଖନପୁର,୨୬।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବିଜେଡି ତରଫରୁ ପାହାଡି ମନ୍ଦିରସ୍ଥିତ କାର୍ଯ୍ୟାଳୟ, ବ୍ରଜରାଜନଗର ଏସ୍ଆଇ ଛକ, ବେଲପାହାଡ ଓ ଲଖନପୁର ଆଦି ସ୍ଥାନରେ ଦଳର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବଡମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ପ୍ରମୁଖ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠିତ ସଭାରେ ମନ୍ତ୍ରୀ ଦାସ ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ, ତ୍ରିନାଥ ଗୁଆଲ, ଗଙ୍ଗାଧର ଗଡନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି ଟାଉନ ସଭାପତି ସନ୍ଦିପ ଅଗସ୍ତୀ ଏହାକୁ ପରିଚାଳନା କରିଥିଲେ। ମନ୍ତ୍ରୀ ଦାସ କହିଥିଲେ, ଝାରସୁଗୁଡାର ଉନ୍ନତିପାଇଁ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ବିକାଶ କରାଯିବ। ଫଳରେ ନୂତନ ଝାରସୁଗୁଡା ଗଠନ ହୋଇପାରିବ । ଏଥିପାଇଁ ସେ ସଂକଳ୍ପ ନେଇଥିବା ପ୍ରକାଶ କରିଥିଲେ।

# ଲୋକଙ୍କ ବିଶ୍ୱାସ ବଜାୟ ରଖ

ସୋନପୁର,୨୬।୧୨(ନି.ପ୍ର.)

ବିଜୁ ଜନତା ଦଳର ୨୪ ତମ ପ୍ରତିଷ୍ଠା ଦିବସ ସହରସ୍ଥିତ ଭୀମଭୋଇ କଳାମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସରୋଜ କୁମାର କର୍ମଙ୍କ ପୌରହିତ୍ୟରେ ଆୟୋଜିତ ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ସ୍ଥାନୀୟ ବିଧାୟକ ତଥା ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୯୭ ଡିସେମ୍ବର ୨୬ରେ ଦଳ ଗଠନ ପରଠାରୁ ବିଜେଡି ରାଜ୍ୟରେ ଓ ଜିଲାରେ ଜନସାଧାରଣଙ୍କ ବିପୁଳ ସମର୍ଥନ ପାଇ ଆସୁଛି। ଏକ ଆଞ୍ଚଳିକ ଦଳ କ୍ରମାଗତ ୫ ଥର କ୍ଷମତାକୁ ଆସିବା ଭାରତୀୟ ରାଜନୀତିରେ ଏକ ରେକର୍ଡ। ଦଳର ନେତୃତ୍ୱଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ଯୋଗୁ ଏହା ସମ୍ଭବ ହୋଇଛି । ଏହି ବିଶ୍ୱାସ ଯେଭଳି ଅତୁଟ ରହେ ଏଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ପୂଜାରୀ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି କର୍ମ କହିଥିଲେ ଯେ, ବିଜୁ ବାବୁ ଓଡିଶାର ସ୍ୱାର୍ଥ ରକ୍ଷା ଓ ଓଡିଆଙ୍କ ବିକାଶ ପାଇଁ ଅହରହ ଚିନ୍ତା କରୁଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରୁଛନ୍ତି।


ସୋନପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ନେତୃବୃନ୍ଦ ।

**ସୋନପୁରରେ ବିଜେଡିର ୨୪ ତମ ପ୍ରତିଷ୍ଠା ଦିବସ**

ବର୍ତ୍ତମାନର ସରକାରଙ୍କ ସମୟରେ ଜିଲାରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। ଜିଲା ଉପସଭାପତି ତଥା ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ଉପସଭାପତି ରମେଶ ପୂଜାରୀ, ବରିଷ୍ଠ ନେତା ନୀଳାମ୍ବର ଶତପଥୀ କହିଥିଲେ ,ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଆସ୍ଥା, ଭରସା ଓ ବିଶ୍ୱାସ ରହିଛି। ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ସୋନପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ମହିଳା ବିଜେଡିର ଜିଲା ସଭାନେତ୍ରୀ ମାଧବୀଲତା କୁଅଁର, ନିର୍ବାଚନମଣ୍ଡଳୀ ମହିଳା ସଭାନେତ୍ରୀ ମିନତୀ ସାହୁ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ରାଜ କୁମାର ସୁନା, ଜିଲା ସରପଞ୍ଚ ସଂଘର ସଭାପତି ପ୍ରକାଶ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବରେଇ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ । ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ନେତୃବୃନ୍ଦ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ନିର୍ବାଚନ ମଣ୍ଡଳୀର କର୍ମୀ ଓ ନିର୍ବାଚିତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

## ରମେଶ ପଟ୍ଟନାୟକ କେସିଙ୍ଗା ଟାଉନ ବିଜେଡି ସଭାପତି

କେସିଙ୍ଗା, ୨୬।୧୨ (ଡି.ଏନ.ଏ)

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ରମେଶ ପଟ୍ଟନାୟକଙ୍କୁ ଟାଉନ ସଭାପତି ଓ ଉପସଭାପତି ଭାବେ ସଚିନ ଜୈନଙ୍କୁ ମନୋନୀତ କରାଯାଇଛି। ଜିଲା ବିଜୁ ଜନତା ଦଳର ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଏହି ଘୋଷଣା କରିଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି।

## ମଣ୍ଡିରୁ ଫେରିଲା ଧାନ

ପଡ଼ିଆବାହାଲ, ୨୬।୧୨ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ଉପବଜାର ପ୍ରାଙ୍ଗଣରୁ ଶନିବାର ବହୁ ଚାଷୀ ସେମାନଙ୍କ ଧାନଗାଡ଼ି ଫେରାଇ ନେଇଛନ୍ତି। କେତେଜଣ ସିଏସ୍ଓ ଓ ଜିଲା ପ୍ରଶାସନକୁ ଜଣାଇ ଧାନ ଉଠାଇବା ଦାବିରେ ମଣ୍ଡିରେ ଜଗି ରହିଥିଲେ। ଶନିବାର ପାଳି ଥିବାରୁ ବାହାମ, ଡଙ୍ଗରପଡା, ଖଲିଆପାଲି ପ୍ରଭୃତି ସ୍ଥାନରୁ ୪୦ରୁ ଊର୍ଦ୍ଧ୍ୱ ଗାଡିରେ ଚାଷୀମାନେ ଧାନ ବିକ୍ରି ପାଇଁ ଆସିଥିଲେ। ଆର୍ଏମ୍ସି ଓ ବାହାମ ସୋସାଇଟି କର୍ମଚାରୀ ମଣ୍ଡିକୁ ଆସିଥିଲେ ସୁଦ୍ଧା ଟାର୍ଗେଟ୍ ଦିଆଯାଇ ନ ଥିବାରୁ କୌଣସି ମିଲର ଆସି ନ ଥିଲେ। ଫଳରେ ଟୋକନ ପାଇ ବି ଚାଷୀ ଧାନ ବିକିପାରି ନ ଥିଲେ। ଭଡ଼ାଗାଡ଼ିରେ ଧାନ ଆଣି ଫେରେଇ ନେବା ବ୍ୟୟବହୁଳ ହେଉଥିବାରୁ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପରେ ଚାଷୀମାନେ ବିଧାୟକଙ୍କୁ ଯୋଗାଯୋଗ କରିଥିଲେ। ବିଧାୟକ ସମାଧାନର ପ୍ରତିଶ୍ରୁତି ଦେଇ ଯୋଗାଣ ବିଭାଗ ଅଧିକାରୀ ଓ ପ୍ୟାକ୍ସ ସମ୍ପାଦକଙ୍କ ସହ କଥାହେବାକୁ କହିଥିଲେ।

## ଅପପ୍ରଚାର ମୁକାବିଲା ପାଇଁ ଆହ୍ୱାନ

ବରଗଡ଼ ଅଫିସ୍,୨୬।୧୨

ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ବିଜେଡ଼ି ଜନସାଧାରଣଙ୍କ ସହିତ ରହିଛି। ଆଗକୁ ମଧ୍ୟ ବିଜେଡ଼ି ସରକାର ଲୋକଙ୍କ ସାଥିରେ ରହିବ। ନବୀନ ବିଭିନ୍ନ ଜନହିତକର ଯୋଜନା ହାତକୁ ନେଇ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଚିରାଚରିତ ଢ଼ଙ୍ଗରେ ବିରୋଧୀମାନେ ସେହି ଯୋଜନାର ଅପପ୍ରଚାର କରିଚାଲିଛନ୍ତି। ବିରୋଧୀଙ୍କ ଏଭଳି ଅପପ୍ରଚାରକୁ ମୁକାବିଲା କରିବା ସହିତ ସରକାରୀ ଯୋଜନା ଗୁଡ଼ିକ କିଭଳି ତୃଣମୂଳସ୍ତରରେ ପହଞ୍ଚି ପାରିବ, ସେଥିପ୍ରତି ବିଜେଡ଼ି କର୍ମୀମାନେ ସଚେତନ ହେବା ଉଚିତ୍ ବୋଲି ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ବିଜେଡ଼ିର ୨୪ତମ ପ୍ରତିଷ୍ଠା ଦିବସରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି ।

ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଦଳୀୟ କର୍ମୀମାନଙ୍କୁ ଦଳର ସମ୍ପତ୍ତି ବୋଲି ମତବ୍ୟକ୍ତ ଦେଇଥିଲେ। ଏହି ଅବସରରେ ବିଜେଡ଼ିର ବରିଷ୍ଠ ନେତା ଶ୍ୟାମସୁନ୍ଦର ଅଦାବର ବରଗଡ଼ ବାର୍ ଆସୋସିଏଶନର ସଭାପତି ନିର୍ବାଚିତ ହୋଇଥିବା ଯୋଗୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବିଧାୟକ ତଥା ବିଜେଡ଼ି ନେତା ସାଧୁଚରଣ ନେପାକ, ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।



ବିଜେଡ଼ିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

# ବିଜେଡି ପ୍ରତିଷ୍ଠା ଦିବସରେ ମିଶ୍ରଣ ପର୍ବ

ଜୁନାଗଡ/ଭବାନୀପାଟଣା, ୨୬।୧୨(ଡି.ଏନ୍.ଏ)


ବିଜେଡିରେ ଯୋଗ ଦେଇଥିବା ବିଭିନ୍ନ ସମାଜର କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ଖେଳିପଡିଆ ଠାରେ ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଉଦ୍‌ବୋଧନ ଦେଇଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ପ୍ରସାଦ ନନ୍ଦ, ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ଜିଲା ସମ୍ପାଦକ ମହେଶ ସାହୁ, ଇଂ ଦିନେଶ ରାଉତ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ, ପୂର୍ବତନ ଏନ୍ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ପୂର୍ବତନ ଏନ୍ଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସରପଞ୍ଚ ଅଜୟ ବେହେରା, ବିଶ୍ୱନାଥ କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ଉପସଭାପତି ଦିଗମ୍ବର ନାଏକ ସଭା ପରିଚାଳନା କରିଥିଲେ। ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା, କଂଗ୍ରେସ, ବିଭିନ୍ନ ସମାଜ ଓ ଯୁବ ସଙ୍ଗଠନର ଶହେରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୭୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଜୁନାଗଡ ନଗର ସଭାପତି ବାପି ରାଉତ, ଜିଲା ଯୁବ ସମ୍ପାଦକ ବିବେକ ଅଗ୍ରୱାଲ, ଆଇଟି ସେଲ ସଂଯୋଜକ ରୋହିତ ସୁନାନୀ, ଛାତ୍ର ଜନତା ଦଳ ଉପସଭାପତି ଅର୍ଜୁନ ବାଗ, କାମାକ୍ଷ ପ୍ରସାଦ ପ୍ରଧାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଭବାନୀପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କଳାହାଣ୍ଡି ଜିଲା ବିଜେଡି ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ଜିଲା ଉପସଭାପତି ଜିତେନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ନଗରପାଳ ଲଳିତା ନାଏକ, ରାଜ୍ୟ ସମ୍ପାଦିକା ସବିତା ପ୍ରଧାନ, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ଜିଲା ସମ୍ପାଦକ ଟିକେଲାଲ ସାହୁ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଏସ୍‌ସି ସେଲ ସଭାପତି ପ୍ରଶାନ୍ତ ନାଏକ, ଅବଦୁଲ୍ କାଦିର ପ୍ରମୁଖ ଯୋଗ ଦେଇଥିଲେ ।

## ଗାଡି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅର୍ଏଁଲାମୁଣ୍ଡା ଗାଁ ନଡିଆ ବଗିଚା ନିକଟରେ ଶନିବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସିଂଘିଯୁବା ଗ୍ରାପ ଅନ୍ତର୍ଗତ ଅସୁରଗଡ ଗାଁର ରାଧାକାନ୍ତ ବିଦ୍ଧାଣୀ (୪୫) । ସକାଳେ ରାଧାକାନ୍ତ କାମ କରିବା ପାଇଁ ରାମପୁର ଥାନା ପଣ୍ଡକିଟାଲକୁ ଯାଇଥିଲେ । ଅପରାହ୍ନରେ ଫେରୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏନେଇ ବିନିକା ଥାନାରେ ଏକ ମାମଲା(ନଂ.୨୬୦/୨୦)ରୁଜୁ ହୋଇଛି । ମୃତ ଶ୍ରମିକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ସଂକ୍ଷେପରେ

### ବାଇକ ଧକ୍କାରେ ଯୁବକ ମୃତ

ତରବୋଡ଼, ୨୬।୧୨(ଡି.ଏନ.ଏ.): ବିଜୁ ଏକ୍ସପ୍ରେସ ଫୋର ଲାଇନ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲିମଡିହି ଗାଁର ବେଚେନ ସାହୁ (୪୫) ନିଜ ସାଙ୍ଗ ସହିତ ବିଜୁ ଏକ୍ସପ୍ରେସ ଫୋର ଲାଇନ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ମୁଣ୍ଡାପଲା ଓ ଲିମଡିହ ଗାଁ ମଝିରେ ମୁଣ୍ଡାପଲା ଆଡୁଆସି ବେଚେନକୁ ପଛପଟୁ ଧକ୍କା ଦେବାରୁ ଗୁରୁତର ହୋଇଥିଲେ। ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ମୋ ସ୍କୁଲ ଅଭିଯାନ ବୈଠକ

ଦେଓଗାଁ,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ନୀନା ଛତ୍ରିଆ, ସମିତିସଭ୍ୟ ଜନ୍ମେଜୟ ସାହୁ, ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଭାପତି ସୀତା ସିଂ ବାବୁ , ଡା. ସରୋଜ କୁମାର ସାହୁ, ବାବୁଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସ୍କୁଲର ବିକାଶ ଉପରେ ଆଲୋଚନା କରିଥିଲେ । ଏ ଅବସରରେ ପୂର୍ବତନ ଛାତ୍ର ଦୟାମୟ ସାହୁ, କୃଷ୍ଣପ୍ରସାଦ ପାଣିଗ୍ରାହୀ, ଆଦିତ୍ୟ ସା, ଅମୂଲ୍ୟ ବାରିକ, ସତ୍ୟନାରାୟଣ ନନ୍ଦ, ତୋଫାନ ଦଲାଇ ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଏହିଦିନ ଶିକ୍ଷୟିତ୍ରୀ ଓ ଉପସ୍ଥିତ ସଦସ୍ୟଙ୍କଠାରୁ ୨୬ହଜାର ଟଙ୍କା ଅନୁଦାନ ସଂଗ୍ରହ ହୋଇଥିଲା । ସର୍ବ ସମ୍ମତିକ୍ରମେ ଆଲୁମିନି ପ୍ରତିନିଧିଭାବେ ଜନ୍ମେଜୟ ସାହୁଙ୍କୁ ମନୋନୀତ କରାଯାଇଥିଲା । ସିଆରସିସି ଜୟଦେବ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହାଇୱା- ଟ୍ରକ ମୁହାଁମୁହିଁ ଧକ୍କା

ଲହୁଣୀପଡା, ୨୬।୧୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବରସୁଆଁ ନିକଟସ୍ଥ ବାଉଁରକେଲାଠାରେ ଶନିବାର ମଧାହ୍ନରେ ଟ୍ରକ ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ ହାଇୱା ଚାଳକଙ୍କ ଗୋଡ ଛିଣ୍ଡି ଦୁଇଖଣ୍ଡ ହୋଇଯାଇଛି। ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ନିଆଯାଇଥିଲା ।

### ଚାଷୀଙ୍କ ସହ ଆଲୋଚନା କଲେ ବିଧାୟକ

ଦେଓଗାଁ,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୩ନଂ ଜୋନର ବିଭିନ୍ନ ପଞ୍ଚାୟତକୁ ଶନିବାର ବିଧାୟକ ନରସିଂହ ମିଶ୍ର ଗସ୍ତ କରିଥିଲେ। ସେ ପ୍ରଥମେ କୁଲୁଡାପଡା ପଞ୍ଚାୟତ ମୁଣ୍ଡପଲା ଛକରେ ଆଞ୍ଚଳିକ ବିକାଶ କମିଟି ତରଫରୁ ଦିଆଯାଇଥିବା ଧାରଣାସ୍ଥଳକୁ ଯାଇ ତ୍ରୁଟିପୂର୍ଣ୍ଣ କୃଷି ଆଇନ ଉପରେ ସୂଚନା ଦେଇଥିଲେ । ପରେ ଗୌରଗୋଠ କୃଷିସେବା ସମବାୟ ସମିତିକୁ ଯାଇ ଧାନକ୍ରୟ ଉପରେ ଚାଷୀଙ୍କ ସହ ଆଲୋଚନା କରିଥିଲେ । ପରେ ଅର୍ଜୁନପୁର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଚାଷୀମାନେ ମେଗା ଉଠା ଜଳସେଚନ ପ୍ରକଳ୍ପରୁ କେବଳ ୫୦ପ୍ରତିଶତ ଚାଷ ଜମିକୁ ପାଣି ମାଉଥିବା ଅଭିଯୋଗ କରିଥିଲେ । ଗସ୍ତ ସମୟରେ ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ, ମାଣିକ୍ୟ ପାତ୍ର, ଅସିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଚୋରି ଅଭିଯୋଗରେ ଜଣେ ଗିରଫ

ବିନିକା,୨୬।୧୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ହାଇସ୍କୁଲ ଛକସ୍ଥିତ ଏକ ଭେରାଇଟି ଷ୍ଟୋର ଦୋକାନରୁ ଶନିବାର ସନ୍ଧ୍ୟାରେ ଏଲ୍ଇଡି ଲାଇଟ୍ ଥିବା ଗୋଟିଏ ପେଟି ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅନ୍ୟ ଜଣେ ଫେରାର ହୋଇଯାଇଛି । ଏ ନେଇ ଷ୍ଟୋର ମାଲିକ ବିନୋଦ କୁମାର ଶର୍ମା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକେ କାବୁ କରିଥିବା ଚୋରକୁ ଗିରଫ କରିଥିଲା। ଚୋରଦ୍ୱୟ ବ୍ୟବହାର କରିଥିବା ଓଡି-୧୫ପି-୦୫୬୫ ନଂ ବାଇକ୍ ପୋଲିସ ଜବତ କରିଛି । ଚୋର ଦୁଇଜଣ ଗ୍ରାହକ ସାଜି ଉକ୍ତ ଦୋକାନକୁ ଆସିଥିଲେ । ପରେ ଦୋକାନ ବାହାରେ ଥୁଆ ହୋଇଥିବା ପ୍ରାୟ ୬ ହଜାର ଟଙ୍କାର ଲାଇଟ ପେଟି ଧରି ଛୁ ମାରିବା ବେଳେ ଜଣେ ଧରା ପଡିଥିଲା । ଚୋର ମାନେ ବରଗଡ ହାଟପଦାର ବୋଲି କୁହାଯାଉଛି ।

# ରାସ୍ତାକଡରେ ପାହାଡଗଦାରେ ବର୍ଜ୍ୟବସ୍ତୁ

ସୁନ୍ଦରଗଡ, ୨୬।୧୨ (ଡି.ଏନ୍.ଏ)


ରାସ୍ତାକଡରେ ପଡିଥିବା ବର୍ଜ୍ୟବସ୍ତୁ।

ସୁନ୍ଦରଗଡ ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପୌରପାଳିକା ପକ୍ଷରୁ ସହରର କଠିନ ବର୍ଜ୍ୟବସ୍ତୁକୁ ପକାଇବା ପାଇଁ ବାଇପାସ ରୋଡସ୍ଥିତ ପିଠାଭୂଇଁ ଅଞ୍ଚଳରେ ଏକ ସ୍ଥାନ ଚିହ୍ନଟ କରାଯାଇ ପାଚେରୀ ମଧ୍ୟ ନିର୍ମାଣ କରାଯାଇଛି। ମାତ୍ର ସେହି ବର୍ଜ୍ୟବସ୍ତୁ ସବୁ ପାଚେରୀ ଭିତରେ ପକା ନ ଯାଇ ରାସ୍ତା

**ଗୃହପାଳିତ ପଶୁଙ୍କ ପାଇଁ ସାଜିଛି ବିପଦ**

କଡରେ ପକାଯାଉଛି। ଫଳରେ ଗୃହପାଳିତ ପଶୁ, ଗୋରୁ, ଛେଳି ଆଦି ଚାରଣ ପାଇଁ ଯାଇ ସେଠାରେ ସେହି ବର୍ଜ୍ୟବସ୍ତୁରେ ପଡିଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନାଗୁଡିକୁ ଖାଇ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ଗୃହପାଳିତ ପଶୁ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ ସମୟରେ ଆବର୍ଜନାରେ ନିଆଁ ମଧ୍ୟ ଲଗାଇ ଦିଆଯାଉଛି। ପାଖରେ ବାଇପାସ ରାସ୍ତା ଥିବାରୁ ନିଆଁ ଲଗାଇବା ଯୋଗୁ ପରିବେଶ ଧୂଆଁ ହୋଇ ଲୋକଙ୍କ ଚଳପ୍ରଚଳରେ ମଧ୍ୟ ଅସୁବିଧା ହେଉଛି। ଚଳିତମାସ ଗତ ୪ତାରିଖ ସ୍ୱଚ୍ଛ ସୁନ୍ଦରଗଡ ପାଇଁ ସୁନ୍ଦର ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି। ଏଠାରେ ବର୍ଜ୍ୟବସ୍ତୁର ଉଚିତ୍ ପରିଚାଳନାରେ ଅବ୍ୟବସ୍ଥା ନେଇ ଏହାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ୍ ୨୦୧୬ର ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏଣୁ ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ସକାଶେ ସଚେତନ ନାଗରିକ ମହଲରେ ଦାବିହେଉଛି ।

# ସ୍ୱାଧୀନତାର ୭୨ବର୍ଷ ପରେ ବିଜୁଳି ପାଇଲେ ବିଶାଳପାଲି ବାସୀ

ଦେଓଗାଁ,୨୬।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅନ୍ତର୍ଗତ ବିଶାଳପାଲିବାସୀ ସ୍ୱାଧୀନତାର ୭୨ବର୍ଷ ବିତିଯାଇଥିଲେ ହେଁ ବିଦ୍ୟୁତ୍ ସଂଯୋଗ ପାଇ ପାରି ଥିଲେ। ଶନିବାର ସୌଭାଗ୍ୟ ଯୋଜନାରେ ଏହି ପଡାର ୧୧ ପରିବାରକୁ ବିଦ୍ୟୁତ ସଂଯୋଗ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସମ୍ମାନୀତ ଅତିଥିଭାବେ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ କରିଥିଲେ। କମ୍ଦିନ ମଧରେ ନିକଟସ୍ଥ ମିର୍ଦ୍ଧାପଡାକୁ ମଧ ସଂଯୋଗ ହେବବୋଲି ଅଧକ୍ଷା ମେହେର ସୂଚନା ଦେଇଥିଲେ।

# ବିଜେଡି ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ଅତିଥି ଓ ଅନ୍ୟମାନେ।

ଉଲୁଣ୍ଡା,୨୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପୋଡଟିକିରା ଠାରେ ଶନିବାର ବୀରମହାରାଜପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ୨୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ନିର୍ବାଚନମଣ୍ଡଳୀର ସାମଗ୍ରୀକ ବିକାଶ ପାଇଁ ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିନିକା ବ୍ଲକ ଅଧକ୍ଷ ତଥା ଜିଲା ଯୁବ ସଭାପତି ଅଶୋକ ନନ୍ଦ, ଜିଲା ସଂପାଦକ ସ୍ୱୟମ୍ଭୂନାଥ ଖଣ୍ଡଗିରି, ସନ୍ତୋଷ ଭୂକ୍ତା, ରାଜ୍ୟ ସଂପାଦକ ଉତ୍ତର କୁମାର ପାତ୍ର, ଉଲୁଣ୍ଡା ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା, ଦ୍ୱାରିକା ନାଥ ସାହୁ, ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ଜିଲା ମହିଳା ସଭାପତି ପଦ୍ମିନୀ ବଘାର, ବିହାରୀଲାଲ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉଲୁଣ୍ଡା ବ୍ଲକ ସଭାପତି ଝସକେତନ ବଘାର ସଭା ପରିଚାଳନା କରିଥିଲେ। ନାରାୟଣ ଲୁହା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ହୋଇ ମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ପୋଲିସ ଉପସ୍ଥିତିରେ ବନ୍ଦ ଘର ଖୋଲାହେଲା

ବଲାଙ୍ଗୀର ଅଫିସ, ୨୬।୧୨

**ରାଜେନ୍ଦ୍ର କଲେଜ ଓଡିଆ ଅଧ୍ୟାପକଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**

- ବିଭିନ୍ନ ସାମଗ୍ରୀ ନେଲେ ପରିବାର ସଦସ୍ୟ
- କଲେଜ କର୍ତ୍ତୃପକ୍ଷ ନେଲେ କଲେଜ କାଗଜପତ୍ର

ଗତ ଅଗଷ୍ଟ ମାସ ୩୧ ତାରିଖ ଦିନ ବଲାଙ୍ଗୀର ଚନ୍ଦ୍ରଶେଖରନଗରସ୍ଥିତ ଏକ ଭଡାଘରୁ ରାଜେନ୍ଦ୍ର ଜୁନିୟର କଲେଜର ତତ୍କାଳୀନ ଓଡିଆ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସାହୁ (୩୭)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାରୁ ଏହାକୁ ସନ୍ଦେହଜନକ ମୃତ୍ୟୁ କୁହାଯାଇଥିଲା । ମୃତ୍ୟୁ କାରଣକୁ ନେଇ ଅଧାପକ ସାହୁଙ୍କ ପରିବାର ଲୋକଙ୍କ ମଧ୍ୟରେ ବିବାଦୀୟ ବୟାନବାଜି ପରେ ସେହି ଦିନଠାରୁ ଉକ୍ତ ଭଡାଘର ବନ୍ଦ ରହିଥିଲା। ଅଧାପକ ସାହୁଙ୍କ ପାଖରେ ରାଜେନ୍ଦ୍ର ଜୁନିୟର କଲେଜର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ଏହାକୁ ନେବା ପାଇଁ କଲେଜ କର୍ତ୍ତୃପକ୍ଷ ବାରମ୍ବାର ପରିବାର ସଦସ୍ୟ ଓ ପୋଲିସକୁ ଅନୁରୋଧ କରିଥିଲେ। ଶନିବାର ବଲାଙ୍ଗୀର ଟାଉନ୍ ଥାନାକୁ ପୋଲିସ ମୃତ ଅଧାପକ ସାହୁଙ୍କ ପରିବାର ଓ ସ୍ତ୍ରୀଙ୍କ ପରିବାର ଲୋକଙ୍କୁ ଡକାଇଥିଲା। ଦୀର୍ଘଦିନ ହେଲା ବନ୍ଦ ଥିବା ଘରୁ ବିଭିନ୍ନ ସାମଗ୍ରୀ ନେଇଯିବାକୁ ନେଇ ଦୁଇପକ୍ଷଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। ତେବେ ବୁଝାସୁଝା ପରେ ପୋଲିସ ଉପସ୍ଥିତିରେ ଅଧାପକ ସାହୁଙ୍କ ପରିବାର ସଦସ୍ୟ ଓ ସ୍ତ୍ରୀ ବିଭିନ୍ନ ସାମଗ୍ରୀ ଭାଗବଣ୍ଟା କରି ନେଇଯିବାକୁ ରାଜି ହୋଇଥିଲେ । ପୋଲିସ ଉପସ୍ଥିତିରେ ଦୀର୍ଘ ୪ ମାସ ପରେ ଏହି ଘର ଖୋଲା ଯାଇଥିଲା। ରାଜେନ୍ଦ୍ର କଲେଜ କର୍ତ୍ତୃପକ୍ଷ ମଧ କଲେଜର ବିଭିନ୍ନ କାଗଜପତ୍ର ନେଇଥିଲେ। ଉଭୟ ପକ୍ଷ ସେମାନଙ୍କ ସାମଗ୍ରୀ ନେବା ପରେ ଭଡାଘର ଛାଡି ଦେବାକୁ ରାଜି ହୋଇଥିବା ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

ବୌଦ୍ଧ ଜିଲା ମୂଳ ନିବାସୀ ଅଧାପକ ସାହୁ ପ୍ରାୟ ଦୁଇବର୍ଷ ତଳେ ବିବାହ କରିଥିଲେ । ସ୍ତ୍ରୀ ଓ ଶିଶୁପୁତ୍ରଙ୍କ ନେଇ ସେ ବଲାଙ୍ଗୀରରେ ରହୁଥିଲେ । କରୋନା ସଂକ୍ରମଣ ଭୟରେ ସେ ଆତ୍ମହତ୍ୟା କରିଥିବା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା । ତେବେ ପରିବାର ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରିଥିଲେ।

# ମୁରଲୀଧର ସ୍ମାରକୀ ଫୁଟ୍ବଲ୍ ଉଦ୍ଘାଟିତ

ଭବାନୀପାଟଣା,୨୬।୧୨ (ଡିଏନଏ)

ଭବାନୀପାଟଣା ବ୍ଲକ ଦୁମୁରିଆ ପଞ୍ଚାୟତ ବରଫା ଲାଲବାହାଦୁର ଯୁବକ ସଂଘ ପକ୍ଷରୁ ଆୟୋଜିତ ମୁରଲୀଧର ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍ଘାଟିତ ହୋଇଛି। ଏହି ଅବସରରେ ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ମୁଖ୍ୟ ଅତିଥି, ଭବାନୀପାଟଣା ପଞ୍ଚାୟତ ସମିତି ଅଧକ୍ଷା ସନ୍ତୋଷୀ ଦାଶ, ଜିଲା ପରିଷଦ ସଦସ୍ୟା ପିଙ୍କି ସାହୁ, ମନ୍ମଥ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍ଘାଟନୀ ମ୍ୟାଚ୍ରେ ଭବାନୀପାଟଣା ଏଫ୍ସି ଦଳ ବରଫା ଦଳକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ମନୋଜ ରଥ, ଶେଷଦେବ ମାଲିକ, ନବୀନ ବଗର୍ତ୍ତି ଓ ଦୁଷ୍ମନ୍ତ ମାଝି ଖେଳ ପରିଚାଳନା କରିଥିଲେ। ରୋଶନ ଲାଲ ଛତର ଓ ଭୋଜରାଜ ମାଝି ସହଯୋଗ କରିଥିଲେ। ଶିକ୍ଷକ ଟଙ୍କଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ହେରମ୍ବ ଭୋଇ, ଜଗନ୍ନାଥ ମାଝି, ମନୋଜ ରଥ, ରାଜେନ୍ଦ୍ର ପଧାନ, ଚୂଡାମଣି ଭୋଇ, ଭୁବନେ ରଣା, ଠାକୁର ମାଝି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ

ଖଡିଆଳ, ୨୬।୧୨ (ଡି.ଏନ.ଏ)

ନୂଆପଡା ଜିଲା ଖଡିଆଳ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳ ତରଫରୁ ୨୪ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବିଜୁ ଜନତା ଦଳର କର୍ମୀମାନେ ପ୍ରଥମେ ଖଡିଆଳ ସ୍ଥିତ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ବାହାରି କଲ୍ୟାଣ ମଣ୍ଡପ-୨ ଠାରେ ପହଞ୍ଚିଥିଲେ। ବିଜୁ ଜନତା ଦଳ ୨୪ ବର୍ଷରେ ବିକାଶ କାର୍ଯ୍ୟଗୁଡିକର ବିବରଣୀ ଦେବା ସହ ଦଳକୁ ଆହୁରି ମଜବୁତ କରିବାକୁ ଉପସ୍ଥିତ ଥିବା କର୍ମୀମାନେ ମତ ରଖିଥିଲେ । ଏଥିରେ ପଶ୍ଚିମ ବିକାଶ ପରିଷଦ ସଭ୍ୟ ଲମ୍ବୋଧର ନିଆଲ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝୀ, ନୂଆପଡା ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଜିଲା ସଭାପତି ମନୋଜ ମିଶ୍ର ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ସଂଗଠିତ ହୋଇ କାମ କରିବାକୁ ଆହ୍ୱାନ

ଲୋଇସିଂହା, ୨୬।୧୨(ଡି.ଏନ.ଏ.):



ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

ତୃଣମୂଳସ୍ତରରୁ ଦଳକୁ ସଂଗଠିତ କରିବାକୁ ପଡିବ। ନେତା ଓ କର୍ମୀ ଏକମନ ହୋଇ କାମ କଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏଠାରେ ଦଳର ବିଜୟ ନିଶ୍ଚିତ। ବଲାଙ୍ଗୀର ଜିଲା ଲୋଇସିଂହା କଲ୍ୟାଣ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ବିଜେଡିର ପ୍ରତିଷ୍ଠା ଦିବସ ସମାରୋହରେ ଏହ କହିଛନ୍ତି ଦଳର ବରିଷ୍ଠ ନେତାମାନେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମ୍ପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ରାଜ୍ୟରେ ମହିଳା ସଶକ୍ତକରୀଣ ଜରିଆରେ ସମାଜିକ ଓ ଆର୍ଥନୈତିକ ସୁଦୃଢ ହୋଇପାରିଛି । ସଭାରେ ହରେକୃଷ୍ଣ ଷଡଙ୍ଗୀ, ସହଦେବ ସା, ଜିଲା ଯୁବ ଉପସଭାପତି ନୀତେଶ କୁମାର ଅଗ୍ରୱାଲ, ଜିଲା ସମ୍ପାଦକ ଅଶୋକ କୁମାର ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# ବ୍ୟଞ୍ଜନ ଦ୍ୱାଦଶୀରେ ଲାଗି ହେଲା ୫୬ ପ୍ରକାର ଭୋଗ

ସୋନପୁର,୨୬।୧୨(ନି.ପ୍ର.)

ସୋନପୁର ସହରର ଘୋଡାଘାଟପଡାସ୍ଥିତ ଶ୍ରୀ ଶ୍ରୀ ରାଧାମାଧବ ଭଗବତ ମନ୍ଦିରରେ ଶନିବାର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ବ୍ୟଞ୍ଜନ ଦ୍ୱାଦଶୀରେ ରାଧାକୃଷ୍ଣଙ୍କ ନିକଟରେ ୫୬ ପ୍ରକାର ସ୍ୱାଦିଷ୍ଟ ଭୋଗ ଲାଗି ହୋଇଥିଲା । ପ୍ରତିବର୍ଷ ଭଳି ବିଧି ଅନୁଯାୟୀ ପୂଜା ହୋଇଥିଲା । ସ୍ଥାନୀୟ ଜନସାଧାରଣ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ମୈଥିଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି । ପୂଜକ ବ୍ୟାସଦେବ ଶତପଥୀ, ପଣ୍ଡିତ ଆନନ୍ଦ ପୂଜାହାରୀ, ଗୋପାଳ ପୂଜାହାରୀ, ମୈଥାଲି ପଣ୍ଡା, ସହଯୋଗୀ ସୂର୍ଯ୍ୟ ଦାଶ, ଦାମୋଦର ନାୟକ, ଗୋପାଳ ପଧାନ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ।

# ଭାରତୀୟ ମଜଦୁର ସଂଘର ସମ୍ମିଳନୀ

ବରଗଡ଼ ଅଫିସ୍,୨୬।୧୨



ଭାରତୀୟ ମଜଦୁର ସଂଘର ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ।

ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ) ପରିସରରେ ଶନିବାର ଭାରତୀୟ ମଜଦୁର ସଂଘ, ବରଗଡ଼ ଜିଲାର କାର୍ଯ୍ୟକାରିଣୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ମଜଦୁର ସଂଘ, ଓଡ଼ିଶା ପ୍ରଦେଶ ରାଜ୍ୟ ଉପସଭାପତି ସୁରେନ୍ଦ୍ର ରାୟ ମୁଖ୍ୟଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ମହନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ପଞ୍ଚାୟତସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା, ଜିଲାରେ ଅଣସଂରକ୍ଷିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମଜଦୁରମାନଙ୍କ ହକ୍ ପାଇଁ ଲଢ଼େଇ କରିବା, ବରଗଡ଼ ଚିନିକଳକୁ କାର୍ଯ୍ୟକ୍ଷମ ପାଇଁ ସଂଗ୍ରାମ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯିବା ସହିତ ଏଥିପାଇଁ ରଣନୀତି ପ୍ରସ୍ତୁତ ପାଇଁ ପ୍ରସ୍ତାବ ନିଆଯାଇଥିଲା। ବୈଠକରେ ନୂତନ କାର୍ଯ୍ୟକାରୀ ପରିଷଦ ଗଠନ କରାଯାଇଥିଲା। ଏଥିରେ ମନୋଜ ରଥ, ପ୍ରତାପ ପଟ୍ଟନାୟକ ଉପଦେଷ୍ଟା, କମଳେଶ ରାୟ ସଭାପତି, ଅଜିତ କୁମାର ଦାଶ ସମ୍ପାଦକ, ଆଶିଷ ଶର୍ମା କୋଷାଧ୍ୟକ୍ଷ, ସେବାରାମ ମେହେର, ବବଲି ପୂଜାରୀ, କନକ ରଣା, ସୀତାରାମ କର ଉପସଭାପତି, ରୀତା ପୂଜାରୀ, ଅରୁଣା ମହାପାତ୍ର, ମୁରାରୀ ସିଂ, ଶୁକଦେବ ପ୍ରଧାନ, ଗୌରୀ ଖଟେଇ ସହ ସମ୍ପାଦକ ମନୋନୀତ ହୋଇଛନ୍ତି । ଜୟ କିଶାନ ଭେସ୍ରା, ତୀର୍ଥ ପ୍ରଧାନ, ଜଗଦୀଶ ସାହୁ, ଗଙ୍ଗା ପୂଜାରୀ, ନାରାୟଣ ସାହୁ, ଲୋଚନ ସାହୁ, ସାନ୍ତରା ବାଗ, ପ୍ରତିମା ମହାନନ୍ଦ ପ୍ରମୁଖ ସଭ୍ୟ ମନୋନୀତ ହୋଇଥିଲେ ।


**ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି (ଗଜପତି)**
**କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ଗଜପତି ଜିଲ୍ଲାର ଗୋଷାଣୀ, ଗୁମ୍ମା, ରାୟଗଡ଼ା ଓ କାଶୀନଗର ବ୍ଲକ ଅଧୀନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇଦିଆଯାଉଅଛି ଯେ, ଚଳିତ ୨୦୨୦-୨୧ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି ଦ୍ୱାରା ଆସନ୍ତା ତା୦୯।୧୨।୨୦୨୦ଠାରୁ କପା ବଜାର ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାରଙ୍କ ଧାର୍ଯ୍ୟ ଦରରେ କପା CCI ମାଧମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି।

କପା ବିକ୍ରି ପାଇଁ ୨୦୨୦-୨୧ ବର୍ଷ ପାଇଁ ନିର୍ଦ୍ଧାରିତ କପାର ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ) ପ୍ରତି

| କ୍ର.ନଂ. | କିସମ | ତନ୍ତୁର ଲମ୍ବା (ମି.ମି.) | ମାଇକ୍ରନିୟର୍ ମାତ୍ରା | ଆର୍ଦ୍ରତା | ସମର୍ଥନ ମୂଲ୍ୟ |
|---|---|---|---|---|---|
| ୧ | ବନ୍ନି/ବ୍ରହ୍ମା | ୨୯.୫-୩୦.୫ | ୩.୫-୪.୩ | ୮% | ୫,୮୨୫/- |
| ୨ | ଏମ.ଇ.ସି.ଏଚ୍. | ୨୭.୫-୨୮.୫ | ୩.୫-୪.୭ | ୮% | ୫,୭୨୫/- |

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

ଜିଲ୍ଲାପାଳ-ତଥା-ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍ଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତୃ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରାଜପଥ ଉପରେ ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ମେଣ୍ଢା ଫାର୍ମ ନିକଟ ୨୬ନଂ ଜାତୀୟ ରାଜପଥରେ ଶନିବାର ଏକ ଧାନ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସଦର ବ୍ଲକ ବାରପୁରଗିଆ କୃଷିସେବା ସମବାୟ ସମିତିରୁ ଆବଶ୍ୟକରୁ ଅଧିକ ଓଜନର ଧାନବସ୍ତା ଟ୍ରାକ୍ଟର ନଂ (ଓଡି୦୩ ୮୫୦୮ ) ରେ ଏକ ରାଇସ୍ ମିଲ୍‌କୁ ଆଣୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ସଂକ୍ଷେପରେ

### ଏଟିଏମ୍ ଲୁଟେରା ଗିରଫ

ଲୋଇସିଂହା,୨୬।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଜଣେ ଏଟିଏମ୍ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ବ୍ଲକ ନଅଗାଁ(କ) ଗ୍ରାମର ନାରାୟଣ ସାହୁ। ପୋଲିସ ସୂଚନା ଅନୁଯାୟୀ, ଏଟିଏମ ବ୍ୟବହାରରେ ଅଭ୍ୟସ୍ତ ନ ଥିବା ଲୋକେ ନାରାୟଣଙ୍କ ଟାର୍ଗେଟରେ ରହୁଥିଲେ। ସେ ଏହି ଅଞ୍ଚଳରେ ଥିବା ଏଟିଏମ ନିକଟରେ ଛକି ରହୁଥିଲେ। ଏଟିଏମ୍ ବ୍ୟବହାର ଜାଣି ନ ଥିବା କେହି ଆସିଲେ ସେଠାରେ ପହଞ୍ଚି ସେ ଏଟିଏମ କାର୍ଡ ଅଦଳବଦଳ କରି ଟଙ୍କା ଲୁଟ କରୁଥିଲେ । ଏହି ପ୍ରକାରେ ଆଗଲପୁରସ୍ଥିତ ଏଟିଏମ୍‌ରେ ରାହାସ ତ୍ରିପାଠୀ ନାମକ ଜଣେ ବ୍ୟକ୍ତିଙ୍କ ଏଟିଏମ ବଦଳ କରି ୫୦ ହଜାର ଟଙ୍କା ଉଠାଇ ନେଇଥିଲେ। ସେହିପରି ଫଟାମୁଣ୍ଡା ଏଟିଏମରେ ଫଟାମୁଣ୍ଡାର ଚକାଡୋଳା ସାହୁଙ୍କ ୬୦ ହଜାର ଟଙ୍କା ଲୁଟ୍ କରିଥିଲେ । ଶୁକ୍ରବାର ଲୁଟ୍‌ର ଶିକାର ବ୍ୟକ୍ତି ନାରାୟଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରେ ସେମାନେ ପୃଥକଭାବେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଗଲପୁର ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା କହିଛନ୍ତି।

### ୫୧ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଜୁନାଗଡ଼,୨୫।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲା ପଞ୍ଚାୟତରେ ଶନିବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ବିଏସ୍‌ଏସଓ ତୁଷାର ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ୫୧ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ବିଡ଼ିଓ ଦୁଲାରାମ ମାରାଣ୍ଡି, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଅଧକ୍ଷ ପ୍ରବୋଧ ରଥ, ପ୍ରମୋଦ ବେହେରା, ମହିଚଲା ସରପଞ୍ଚ ଅଜୟ ବେହେରା, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ନନ୍ଦ, ଅବିନାଶ ଠାକୁର, ଆଇନଜୀବୀ କଲ୍ୟାଣୀ ନାଏକ,ଅର୍ଜୁନ ବାଗ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କାଲୋପଲା ସରପଞ୍ଚ ନିର୍ମଳା ସିଂ, ସମିତି ସଭ୍ୟ ସତ୍ୟ ନାରାୟଣ ବେହେରା, ପିଇଓ ବାନାମ୍ବର ଦାଶ, ଜିଆରଏସ ଗୌତମ ଦଳପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସର କର୍ମକର୍ତ୍ତା ନିର୍ବାଚନ

କଣ୍ଟାବାଞ୍ଜି, ୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି କଂଗ୍ରେସ କମିଟି ଓ ତୁରେକେଲା ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତା ନିର୍ବାଚନ ଶନିବାର ସର୍ବସମ୍ମତିକ୍ରମେ ଶେଷ ହୋଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ନଗର କଂଗ୍ରେସ ସଭାପତିଭାବେ ପୂର୍ବତନ ଏନଏସି ଚେୟାରମ୍ୟାନ ଡମ୍ବରୁଧର ବେହେରା, ପୂର୍ବତନ ଉପାଧକ୍ଷ ଘନଶ୍ୟାମ ଗୁପ୍ତା କୋଷାଧକ୍ଷ, ତୁରେକେଲା ବ୍ଲକ କଂଗ୍ରେସ ସଭାପତିଭାବେ ବାଲକୃଷ୍ଣ ସେଲମା, କାର୍ତ୍ତିକ ପୁଟେଲ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନୀରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଜିଲା ମହିଳା ସଭାନେତ୍ରୀ ମିଳନ ସାହୁ, ଯୁବକଂଗ୍ରେସ ସଭାପତି ଆନନ୍ଦ ମିଶ୍ର, କୃଷକ ମୋର୍ଚ୍ଚା ଜିଲା ସଭାପତି ସତ୍ୟନାରାୟଣ ସାହୁ, ତୁରେକେଲା ବ୍ଲକ ଚେୟାରମ୍ୟାନ ଅନୁ ଭୋଇ ଉପସ୍ଥିତ ଥିଲେ ।

### ନିଧି ସମର୍ପଣ ସମିତି ଗଠିତ

ଗୁଡ଼ଭେଲା,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ(ବିଏଚପି)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଏଚପି ଜିଲା ସଭାପତି ଗୋବିନ୍ଦ ମିଶ୍ର, ଜିଲା ସମ୍ପାଦକ ପ୍ରହଲ୍ଲାଦ ସାହୁ, ଧର୍ମାଚାର୍ଯ୍ୟ ପରମେଶ୍ୱର ମଲ୍ଲିକ, ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ପ୍ରମୁଖ ଯୋଗଦେଇଥିଲେ। ଅଯୋଧାରେ ରାମ ମନ୍ଦିର ନିର୍ମାଣ ପାଇଁ ସମସ୍ତ ଗ୍ରାମକୁ ଯାଇ ଲୋକଙ୍କଠାରୁ ସାହାଯ୍ୟ ସଂଗ୍ରହ ପାଇଁ ଗୁଡଭେଲା ପ୍ରଖଣ୍ଡସ୍ତରୀୟ ନିଧି ସମର୍ପଣ ସମିତି ଗଠନ କରାଯାଇଥିଲା । ବିଜୟ କୁମାର ବାଗ ଅଭିଯାନ ପ୍ରମୁଖ, ସଞ୍ଜୟ ସାହୁ ସହ ଅଭିଯାନ ପ୍ରମୁଖ, ମୁରାରୀ କେଡିଆ ନିଧି ପ୍ରମୁଖ, ଅନୀଲ ଶର୍ମା ସହ ନିଧି ପ୍ରମୁଖ ରହିଥିଲେ।

# ହାତୀ ଘଉଡ଼ାଇବାକୁ ନାକେଦମ୍

ବରଗଡ଼ ଅଫିସ୍,୨୬।୧୨

ସୋନପୁର ଜିଲା ବିନିକା ରେଞ୍ଜରୁ ମଙ୍ଗଳବାର ରାତ୍ରିରୁ ମହାନଦୀ ପାରି ହୋଇ ବରଗଡ଼ ଜିଲାକୁ ହାତୀପଲ ପଶିଆସିଛନ୍ତି। ସେମାନେ ୫ଦିନ ହେଲା ଭେଡ଼େନ ଓ ବରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲକ୍ଷତି କରିଛନ୍ତି। ପ୍ରାୟ ଦେଢ଼ଶହ ବନ ଅଧିକାରୀ ଓ କର୍ମଚାରୀ ଘଉଡ଼ାଇବା ପାଇଁ ଦିନରାତି ପ୍ରୟାସ ଜାରି ରଖିଥିଲେ ସୁଦ୍ଧା ହାତୀପଲ ବରଗଡ଼ ଜିଲା ଛାଡ଼ି ନାହାନ୍ତି। ସେମାନଙ୍କୁ ଘଉଡାଇବା ପାଇଁ ବନ ବିଭାଗ କର୍ମଚାରୀମାନେ ନାକେଦମ୍ ହେଲେଣି। ଖବର ଲେଖାହେବା ସୁଦ୍ଧା (ରାତ୍ରି ସାଢ଼େ ୭ଟା) ହାତୀପଲ ଭେଡ଼େନ ବ୍ଲକ ଦେକୁଲବା ଜଙ୍ଗଲରେ ରହିଛନ୍ତି। ସେମାନେ ଉଭୟ ବରପାଲି ବ୍ଲକ ଗ୍ରୀଣ୍ଡୋଲା ଏବଂ ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ ପଟକୁ ମୁହାଁଉଥିବା ବରଗଡ଼ ରେଞ୍ଜର ମହେନ୍ଦ୍ର ପାତ୍ର କହିଛନ୍ତି। ତେବେ ପପଙ୍ଗା ପାହାଡ଼ରେ ୭/୮ଟି ହାତୀ ରହିଯାଇ ଥିବାରୁ ହାତୀପଲ ସେପଟକୁ ପୁଣି ଫେରିପାରନ୍ତି ବୋଲି ଅନୁମାନ କରାଯାଉଛି। ମାତ୍ର ବାରମ୍ବାର ଗତିପଥ ବଦଳାଇ ଚାଲିଥିବା ଯୋଗୁ ସେମାନେ ପୁଣି ବିନିକା ରେଞ୍ଜକୁ ଫେରିବେ ନା ବାରପାହାଡ଼ର ଡେବ୍ରିଗଡ଼ ଅଞ୍ଚଳକୁ ଯିବେ ତାହା ଜଣାପଡୁ ନାହିଁ। ହାତୀପଲ ବିନିକା ରେଞ୍ଜରୁ ଆସିଥିବା ଯୋଗୁ ସେମାନଙ୍କୁ ପୁଣି ସେପଟକୁ ଫେରାଇବା ପାଇଁ ବନବିଭାଗ ଉଦ୍ୟମ କରୁଥିବା ପରିଲକ୍ଷିତ ହୋଇଛି। ଅପରପକ୍ଷେ ହାତୀପଲ ବରଗଡ଼ ରେଞ୍ଜ ଛାଡୁ ନ ଥିବାରୁ ଆଗାମୀ ଦିନରେ ଜିଲାରେ ଆହୁରି ଫସଲକ୍ଷତି ସହିତ ଅଘଟଣ ଆଶଙ୍କା କରାଯାଉଛି। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଉଲ୍ଲେଖନୀୟ, ୨୭ଟି ହାତୀ ଥିବା ଉକ୍ତ ପଲ ମହାନଦୀ ପାରି ହୋଇ ବ୍ରାହ୍ମଣତୁରୁମ, ଭାଲୁପାଲି, ମେହେନା, ତାଲମେଣ୍ଡା, ସହରାଟିକ୍ରା, ବହଲପାଲି ଦେଇ ଅଡ଼ଗାଁକୁ ପଶିଥିଲେ। ସେଠାରୁ ସେମାନେ ଦେକୁଲବା ଜଙ୍ଗଲକୁ ଯାଇଥିଲେ ଏବଂ ଶନିବାର ରାତ୍ରିରେ ପୁଣି ଗତିପଥ ବଦଳାଇଛନ୍ତି।

# ଚନ୍ଦ୍ରଶେଖରଙ୍କୁ ମିଳିଲା ପଲିଥିନ



ଚନ୍ଦ୍ରଶେଖରଙ୍କୁ ରିଷିତା ଆର୍‌ଆଇ ପଲିଥିନ ପ୍ରଦାନ କରୁଛନ୍ତି।

କର୍ଲାମୁଣ୍ଡା (ଡି.ଏନ.ଏ) ୨୬।୧୨

୩ ବର୍ଷ ତଳେ ଘର ଭାଙ୍ଗିଯିବାରୁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଧଅଁରାଖମନ ଗାଁର ଗୋଟିଏ ପରିବାର ପର ଘରେ ଆଶ୍ରୟ ନେଇଥିଲେ। ଗତ ୨୧ ତାରିଖରେ ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଶନିବାର ରିଷିତା ରାଜସ୍ୱ ନିରୀକ୍ଷିକା ସସ୍ମିତା ରଣା, ଅମିନ ମହେନ୍ଦ୍ର ଘିଭେଲା ଚନ୍ଦ୍ରଶେଖର ରହୁଥିବା ଘରକୁ ଯାଇ ତାଙ୍କୁ ପଲିଥିନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଚନ୍ଦ୍ରଶେଖର ଭୋଇଙ୍କ ଘର ଭାଙ୍ଗିବା ପରେ ପଞ୍ଚାୟତଠୁ ବ୍ଲକ ପର୍ଯ୍ୟନ୍ତ ଜଣାଇଥିଲେ ମଧ କୌଣସି ସରକାରୀ ସହାୟତା ପାଇ ନ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ : ରେମୁଣ୍ଡା ଚାମ୍ପିୟନ


ଅତିଥି ଗ୍ରହଣରେ ଦୁଇ ଦଳର ଖେଳାଳିମାନେ।

ଗୁଡଭେଲା,୨୬।୧୨(ଡି.ଏନ.ଏ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କନ୍ଦେନବାହାଲି କେୱାଇସିସି ଆନୁକୂଲ୍ୟରେ ଚାଲିଥିବା କନ୍ଦେନବୁଡୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ରେମୁଣ୍ଡା ଓ ଦବକାନି ମଧ୍ୟରେ ହୋଇଥିଲା। ଟସ୍ ଜିଣି ରେମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୫ଓଭରରେ ୪୨ରନ ସଂଗ୍ରହ କରିଥିଲା। ଜବାବରେ ଦବକାନି ୩୬ ରନ କରି ପରାସ୍ତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥିଭାବେ ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଜୈନ,ସାମାଜିକ କର୍ମୀ ମନୀଷ ଅଗ୍ରୱାଲ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ରେମୁଣ୍ଡା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦବକାନୀକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅପ ଦି ମ୍ୟାଚ ଜୟଦେବ ଓ ମ୍ୟାନ ଅପ ଦି ସିରିଜ ପରିକ୍ଷିତଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।

# କ୍ରିକେଟ୍: ହରିଜନ ଲାୟନ୍ସ ଚାମ୍ପିୟନ

ଜାମଟିକ୍ରା, ୨୬।୧୨ (ଡି.ଏନ.ଏ)

ଅତାବିରା ବ୍ଲକ ହିର୍ଲିପାଲି ହାଇସ୍କୁଲ ପଡିଆରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଇଟ କ୍ଲବ, ହରିଜନ ଲାୟନ୍ସ, କୋଶଳ ଏକାଦଶ ଓ ଏମସିସିସି ଦଳ ଅଂଶଗ୍ରହଣ କରିଥିଲେ। ୧୨ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଶନିବାର ଥିଲା ଫାଇନାଲ ମ୍ୟାଚ୍। ହରିଜନ ଲାୟନ୍ସ ଓ ଏମସିସିସି ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟସ ଜିଣି ଏମସିସିସି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮୬ ରନ ସଂଗ୍ରହ କରିଥିଲା। ଜବାବରେ ହରିଜନ ଲାୟନ୍ସ ଗୋଟିଏ ବଲ ବାକି ଥାଇ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ମୁକେଶ ଭୋଇ ଓ ଚିତ୍ତରଞ୍ଜନ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଟିଙ୍କୁ ସାହୁ ଓ ଦୀପକ ପଧାନ ସ୍କୋରର, ଅମରଜିତ ପଧାନ ଓ ଡୋଲାମଣି ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକଦେବ ଭୋଇ ମ୍ୟାନ୍ ଅଫ୍ ଦି ସିରିଜ, ଗଣେଷ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ହେମନ୍ତ ବେଷ୍ଟ କ୍ୟାଚ୍‌ର ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଭାକର ମେହେର, ଅଶୋକ ପଶାୟତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ ।

# ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ବହୁ ଛାତ୍ରୀଛାତ୍ର

ଲାଠୋର, ୨୬।୧୨(ଡି.ଏନ.ଏ.)

କରୋନା ମହାମାରୀ ଯୋଗୁଁ ୨୦୧୯ ମାର୍ଚ୍ଚରୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି। ଅନଲାଇନରେ ଶିକ୍ଷାଲାଭ କରୁଛନ୍ତି ଛାତ୍ରୀଛାତ୍ର। ହେଲେ ବିଭିନ୍ନ କାରଣରୁ ଏହା ସବୁ ପିଲାଙ୍କ ପାଇଁ ସହଜସାଧ ହେଉନାହିଁ। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଏହାର ଚିତ୍ର ସ୍ୱଷ୍ଟଭାବେ ପରିଲକ୍ଷିତ ହେଉଛି। ବ୍ଲକର ୧୩୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୯୯୪୦ ଜଣ ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୧୭୮ ଜଣ ଏହିପରି ମୋଟ ୧୬୧୧୮ ଜଣ ଶିଶୁ ଅଧ୍ୟୟନ କରୁଛନ୍ତି। ସେଥିରୁ ପ୍ରାୟ ୭୦ ପ୍ରତିଶତ ପିଲା ଅନଲାଇନ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ଦାଦନ ପ୍ରବଣ ଏହି ବ୍ଲକର ଅଧିକାଂଶ କ୍ଷୁଦ୍ର ଚାଷୀ। ଆର୍ଥିକ ଅନଟନରେ ରହୁଥିବା ଲୋକଙ୍କର ପ୍ରାୟତଃ ଆଣ୍ଡ୍ରଏଡ ଫୋନ ନାହିଁ। ଏଥିଯୋଗୁ ସେମାନଙ୍କ ପିଲା ଅନଲାଇନ ଶିକ୍ଷା କରି ପାରୁନାହାନ୍ତି। ଯେଉଁମାନଙ୍କ ପାଖରେ ଏହି ଫୋନ ରହିଛି ନେଟୱାର୍କ ନ ଥିବାରୁ ସେମାନେ ଶିକ୍ଷାଲାଭରୁ ବଞ୍ଚିତ ରହୁଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟ ଖୋଲିଲେ ବର୍ଷ ସାରା ଶିକ୍ଷାଲାଭରୁ ବଞ୍ଚିତ ଥିବା ଏହି ପିଲାଙ୍କ ପାଇଁ ଶିକ୍ଷା ବିଭାଗ କି ରଣନୀତି ପ୍ରସ୍ତୁତ କରିବ ତାହାକୁ ନେଇ ଅଭିଭାବକ ମହଲରେ ଆଶଙ୍କା ପ୍ରକାଶ ପାଇଛି। ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ ଝାଙ୍କରଙ୍କୁ ପଚାରିବାରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ଅନଲାଇନ ଶିକ୍ଷାରୁ ବହୁ ଛାତ୍ରୀଛାତ୍ର ବଞ୍ଚିତ ରହିଥିବା ନେଇ ବିଭାଗ ନିକଟରେ ଖବର ପହଞ୍ଚିଛି। ତେବେ ଯେଉଁ ଅଭିଭାବକମାନେ ସଚେତନ ସେମାନେ ନିଜ ପିଲାଙ୍କୁ ସମୟ ଦେଇ କୌଣସି ପ୍ରକାରେ ଶିକ୍ଷା ପ୍ରକ୍ରିୟାରେ ବାନ୍ଧି ରଖିଛନ୍ତି। ଯେଉଁମାନେ ଏଥିରୁ ବଞ୍ଚିତ ରହିଛନ୍ତି ବିଦ୍ୟାଳୟ ଖୋଲିବା ପରେ ସେମାନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ଶିକ୍ଷାଦାନର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଲୋକଙ୍କ ବିଶ୍ୱାସ ବଜାୟ ରଖ

ସୋନପୁର,୨୬।୧୨(ନି.ପ୍ର.)


ସୋନପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ନେତୃବୃନ୍ଦ।

**ସୋନପୁରରେ ବିଜେଡିର ୨୪ ତମ ପ୍ରତିଷ୍ଠା ଦିବସ**

ବିଜୁ ଜନତା ଦଳର ୨୪ ତମ ପ୍ରତିଷ୍ଠା ଦିବସ ସହରସ୍ଥିତ ଭୀମଭୋଇ କଳାମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସରୋଜ କୁମାର କର୍ମଙ୍କ ପୌରହିତ୍ୟରେ ଆୟୋଜିତ ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ସ୍ଥାନୀୟ ବିଧାୟକ ତଥା ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୯୭ ଡିସେମ୍ବର ୨୬ରେ ଦଳ ଗଠନ ପରଠାରୁ ବିଜେଡି ରାଜ୍ୟରେ ଓ ଜିଲାରେ ଜନସାଧାରଣଙ୍କ ବିପୁଳ ସମର୍ଥନ ପାଇ ଆସୁଛି। ଏକ ଆଞ୍ଚଳିକ ଦଳ କ୍ରମାଗତ ୫ ଥର କ୍ଷମତାକୁ ଆସିବା ଭାରତୀୟ ରାଜନୀତିରେ ଏକ ରେକର୍ଡ। ଦଳର ନେତୃତ୍ୱଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ଯୋଗୁ ଏହା ସମ୍ଭବ ହୋଇଛି । ଏହି ବିଶ୍ୱାସ ଯେଭଳି ଅତୁଟ ରହେ ଏଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ପୂଜାରୀ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି କର୍ମ କହିଥିଲେ ଯେ, ବିଜୁ ବାବୁ ଓଡିଶାର ସ୍ୱାର୍ଥ ରକ୍ଷା ଓ ଓଡିଆଙ୍କ ବିକାଶ ପାଇଁ ଅହରହ ଚିନ୍ତା କରୁଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରୁଛନ୍ତି। ବର୍ତ୍ତମାନର ସରକାରଙ୍କ ସମୟରେ ଜିଲାରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। ଜିଲା ଉପସଭାପତି ତଥା ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ଉପସଭାପତି ରମେଶ ପୂଜାରୀ, ବରିଷ୍ଠ ନେତା ନୀଳାମ୍ବର ଶତପଥୀ କହିଥିଲେ ,ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଆସ୍ଥା, ଭରସା ଓ ବିଶ୍ୱାସ ରହିଛି। ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ସୋନପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ମହିଳା ବିଜେଡିର ଜିଲା ସଭାନେତ୍ରୀ ମାଧବୀଲତା କୁଅଁର, ନିର୍ବାଚନମଣ୍ଡଳୀ ମହିଳା ସଭାନେତ୍ରୀ ମିନତୀ ସାହୁ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ରାଜ କୁମାର ସୁନା, ଜିଲା ସରପଞ୍ଚ ସଂଘର ସଭାପତି ପ୍ରକାଶ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବରେଇ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ । ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ନେତୃବୃନ୍ଦ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ନିର୍ବାଚନ ମଣ୍ଡଳୀର କର୍ମୀ ଓ ନିର୍ବାଚିତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

# ରମେଶ ପଟ୍ଟନାୟକ କେସିଙ୍ଗା ଟାଉନ ବିଜେଡି ସଭାପତି

କେସିଙ୍ଗା, ୨୬।୧୨ (ଡି.ଏନ.ଏ)

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ରମେଶ ପଟ୍ଟନାୟକଙ୍କୁ ଟାଉନ ସଭାପତି ଓ ଉପସଭାପତି ଭାବେ ସଚିନ ଜୈନଙ୍କୁ ମନୋନୀତ କରାଯାଇଛି। ଜିଲା ବିଜୁ ଜନତା ଦଳର ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଏହି ଘୋଷଣା କରିଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି।

# ଖୁଣ୍ଟପାଲି ଲକ୍ଷ୍ମୀପୂଜା ଉଦ୍‌ଯାପିତ


ଖୁଣ୍ଟପାଲିରେ ଅନୁଷ୍ଠିତ ଲକ୍ଷ୍ମୀପୂଜା।

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲିରେ ଚାଲିଥିବା ଲକ୍ଷ୍ମୀପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବୁଧବାର କଳସ ଯାତ୍ରା ଏବଂ ଗୁରୁବାର ମାଣବସା ଲକ୍ଷ୍ମୀପୂଜା ବିଧିମତେ ହୋଇଥିଲା। ଗ୍ରାମର ପ୍ରମୋଦ କୁମାର ସାହୁ, ସ୍ତ୍ରୀ ତପସ୍ୱିନୀ ମୁଖ୍ୟକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜାଜିକ ରଞ୍ଜନ ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର, ଉମେଶ ଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଲକ୍ଷ୍ମୀପୂଜା କମିଟି ସଭାପତି ନାରାୟଣ ଭୋଇ, ସମ୍ପାଦକ ନିହାର ସାହୁ, କୋଷାଧ୍ୟକ୍ଷ ରିଭାନ ସାହୁ, ଉପଦେଷ୍ଟା ସୂର୍ଯ୍ୟମଣି ସାହୁ, ବିନୋଦ ସାହୁ, ଯୁଧିଷ୍ଠିର ସାହୁ, ବଳିଷ୍ଠ ସାହୁ, ରିତେଶ ଆଚାର୍ଯ୍ୟ, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅପପ୍ରଚାର ମୁକାବିଲା ପାଇଁ ଆହ୍ୱାନ

ବରଗଡ଼ ଅଫିସ୍,୨୬।୧୨

ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ବିଜେଡ଼ି ଜନସାଧାରଣଙ୍କ ସହିତ ରହିଛି। ଆଗକୁ ମଧ୍ୟ ବିଜେଡ଼ି ସରକାର ଲୋକଙ୍କ ସାଥିରେ ରହିବ। ନବୀନ ବିଭିନ୍ନ ଜନହିତକର ଯୋଜନା ହାତକୁ ନେଇ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଚିରାଚରିତ ଢ଼ଙ୍ଗରେ ବିରୋଧୀମାନେ ସେହି ଯୋଜନାର ଅପପ୍ରଚାର କରିଚାଲିଛନ୍ତି। ବିରୋଧୀଙ୍କ ଏଭଳି ଅପପ୍ରଚାରକୁ ମୁକାବିଲା କରିବା ସହିତ ସରକାରୀ ଯୋଜନା ଗୁଡ଼ିକ କିଭଳି ତୃଣମୂଳସ୍ତରରେ ପହଞ୍ଚି ପାରିବ, ସେଥିପ୍ରତି ବିଜେଡ଼ି କର୍ମୀମାନେ ସଚେତନ ହେବା ଉଚିତ୍ ବୋଲି ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ବିଜେଡ଼ିର ୨୪ତମ ପ୍ରତିଷ୍ଠା ଦିବସରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି ।

ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଦଳୀୟ କର୍ମୀମାନଙ୍କୁ ଦଳର ସମ୍ପତ୍ତି ବୋଲି ମତବ୍ୟକ୍ତ ଦେଇଥିଲେ। ଏହି ଅବସରରେ ବିଜେଡ଼ିର ବରିଷ୍ଠ ନେତା ଶ୍ୟାମସୁନ୍ଦର ଅଦାବର ବରଗଡ଼ ବାର୍ ଆସୋସିଏଶନର ସଭାପତି ନିର୍ବାଚିତ ହୋଇଥିବା ଯୋଗୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବିଧାୟକ ତଥା ବିଜେଡ଼ି ନେତା ସାଧୁଚରଣ ନେପାକ, ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।



ବିଜେଡ଼ିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

# ବିଜେଡି ପ୍ରତିଷ୍ଠା ଦିବସରେ ମିଶ୍ରଣ ପର୍ବ

ଜୁନାଗଡ/ଭବାନୀପାଟଣା, ୨୬।୧୨(ଡି.ଏନ୍.ଏ)


ବିଜେଡିରେ ଯୋଗ ଦେଇଥିବା ବିଭିନ୍ନ ସମାଜର କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ଖେଳିପଡିଆ ଠାରେ ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଉଦ୍‌ବୋଧନ ଦେଇଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ପ୍ରସାଦ ନନ୍ଦ, ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ଜିଲା ସମ୍ପାଦକ ମହେଶ ସାହୁ, ଇଂ ଦିନେଶ ରାଉତ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ, ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ପୂର୍ବତନ ଏନ୍‌ଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସରପଞ୍ଚ ଅଜୟ ବେହେରା, ବିଶ୍ୱନାଥ କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ଉପସଭାପତି ଦିଗମ୍ବର ନାଏକ ସଭା ପରିଚାଳନା କରିଥିଲେ। ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା, କଂଗ୍ରେସ, ବିଭିନ୍ନ ସମାଜ ଓ ଯୁବ ସଙ୍ଗଠନର ଶହେରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୭୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଜୁନାଗଡ ନଗର ସଭାପତି ବାପି ରାଉତ, ଜିଲା ଯୁବ ସମ୍ପାଦକ ବିବେକ ଅଗ୍ରୱାଲ, ଆଇଟି ସେଲ ସଂଯୋଜକ ରୋହିତ ସୁନାନୀ, ଛାତ୍ର ଜନତା ଦଳ ଉପସଭାପତି ଅର୍ଜୁନ ବାଗ, କାମାକ୍ଷ ପ୍ରସାଦ ପ୍ରଧାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଭବାନୀପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କଳାହାଣ୍ଡି ଜିଲା ବିଜେଡି ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ଜିଲା ଉପସଭାପତି ଜିତେନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ନଗରପାଳ ଲଳିତା ନାଏକ, ରାଜ୍ୟ ସମ୍ପାଦିକା ସବିତା ପ୍ରଧାନ, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ଜିଲା ସମ୍ପାଦକ ଟିକେଲାଲ ସାହୁ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଏସ୍‌ସି ସେଲ ସଭାପତି ପ୍ରଶାନ୍ତ ନାଏକ, ଅବଦୁଲ୍ କାଦିର ପ୍ରମୁଖ ଯୋଗ ଦେଇଥିଲେ ।